Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 342
Saturday, 21 February 2026
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୨୧ ଫେବୃୟାରୀ, ୨୦୨୬
ପୃଷ୍ଠା:୮, ମୂଲ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

୩ ଲକ୍ଷ ୧୦ ହଜାର କୋଟି ଟଙ୍କା ବଜେଟ୍ ଆଗତ

ଭୁବନେଶ୍ୱର, ୨୦/୨ (ଆ.ପ୍ର) : ବହୁ ପ୍ରତିକ୍ଷିତ ବଜେଟ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଆଗତ କରିଛନ୍ତି । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ପାଣ୍ଠି ବଜେଟରେ ରଖାଯାଇଛି । ଏଥିରେ ମାଣ୍ଡିଶା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ଶିଳ୍ପ, ବାଣିଜ୍ୟ, ଭିତିଭୂମି, ମହିଳା ସଶକ୍ତୀକରଣ ଆଦି କ୍ଷେତ୍ରକୁ ଫୋକସ୍ କରାଯାଇଛି । ଏଥିରୁ ପ୍ରଶାସନିକ ଖର୍ଚ୍ଚ ବାଦଦେଇ ୨ ଲକ୍ଷ ୧୪ ହଜାର କୋଟି ଟଙ୍କା । ପଞ୍ଚାୟତିରାଜ ବିଭାଗ ପାଇଁ ୩୪ ହଜାର ୧୧୪.୧୪ କୋଟି ଏବଂ ୧୦୦ଟି ମଡେଲ ମଣ୍ଡି ପାଇଁ ବ୍ୟବସ୍ଥା । ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା ପାଇଁ ୨୭,୭୩୬.୯୩ କୋଟି ଏବଂ ଶିକ୍ଷା ପାଇଁ ୧୫,୮୪୯.୩୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । ମହିଳା ସଶକ୍ତିକରଣ ପାଇଁ ସୁଭଦ୍ରା ଯୋଜନାରେ ୨୦ ହଜାର କୋଟି ଟଙ୍କା ରାଜ୍ୟ ସରକାର ବ୍ୟୟ ବରାଦ କରିଛନ୍ତି । ଗୋପବନ୍ଧୁ ଯୋଜନାରେ ଜନସାଧାରଣ ଯୋଜନାରେ ୬,୩୦୯ କୋଟି ଟଙ୍କା ଅଟକଳ କରାଯାଇଛି । ଚଳିତ ବଜେଟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ' ଯୋଜନା ଶୁଭାରମ୍ଭ କରିଛନ୍ତି । ଏହାଛଡ଼ା ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ବଜେଟରେ 'ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିସନ' ବାବଦକୁ ୫ ହଜାର ୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ମୁଖ୍ୟମନ୍ତ୍ରୀ ସ୍ମାର୍ଟ ଯୋଜନାରେ ୩୨୫ କୋଟି ଟଙ୍କା । ସେହିପରି ଚଳିତ ବଜେଟରେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ପାଇଁ ୭୩୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା ପାଇଁ ୬୩୫ କୋଟି । ଶ୍ରୀଅନ୍ନ ଯୋଜନା ପାଇଁ୪୦୦ କୋଟି ଟଙ୍କା । ପର୍ଯ୍ୟଟନ ଭିତିଭୂମି ବିକାଶ ପାଇଁ ୫୦୦ କୋଟି ଟଙ୍କା । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ୧୦୧୦ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି ରାଜ୍ୟ ସରକାର । ଆର୍ଥିକ

ବର୍ଷ ୨୦୨୬-୨୭ ପାଇଁ ବଜେଟରେ ରାଜ୍ୟ ସରକାର ଚାଷ ଓ ଚାଷୀଙ୍କୁ ଫୋକସ୍ କରିଛନ୍ତି । ୩ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍‌ରେ କୃଷି ଓ କୃଷକଙ୍କ ସର୍ବଙ୍ଗୀନ ବିକାଶକୁ ସର୍ବାଧିକ ପ୍ରାଥମିକତା ପ୍ରଦାନ କରାଯାଇଛି । ସମୃଦ୍ଧ କୃଷକ ଯୋଜନା ପାଇଁ ୬,୦୮୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଚାଷୀମାନଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ବ୍ୟାପକ ସହାୟତା ରାଶିର ବଜେଟରେ ବ୍ୟବସ୍ଥା ହୋଇଛି । କୃଷି କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ଓ ଯାନ୍ତ୍ରିକୀକରଣକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ଚଳିତ ବଜେଟରେ ପୁଷ୍ପିଶସ୍ୟର ଚାଷ ଓ ବ୍ୟବହାରକୁ ବୃଦ୍ଧି କରିବା ସହିତ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରି ରାଜ୍ୟର ପ୍ରତ୍ୟେକ କୃଷକ ପରିବାରକୁ ଏକ ସମୃଦ୍ଧ ଓ ଆତ୍ମନିର୍ଭରଶୀଳ ଭବିଷ୍ୟତ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି । ସମୃଦ୍ଧ କୃଷକ ଯୋଜନା ପାଇଁ ୬,୦୮୮ କୋଟି ଟଙ୍କା, ସିଏମ୍ କିଷାନ ଯୋଜନାରେ ୨୦,୨୩୦ କୋଟି ଟଙ୍କା । କୃଷି ଯାନ୍ତ୍ରିକୀକରଣ ଏବଂ କୃଷି ଉତ୍ପାଦନ ପାଇଁ ୮୪୧ କୋଟି ଟଙ୍କା ବଜେଟରେ ବ୍ୟୟ ବରାଦ କରାଯାଇଛି । ବଜେଟ-୨୦୨୬-୨୭ରେ ନାରୀ ସଶକ୍ତିକରଣ ପାଇଁ ଲକ୍ଷ୍ୟ ସୁଭଦ୍ରା ଯୋଜନା ସତକ୍ତ ଫୋକସ୍ ଦିଆଯାଇଛି । ସୁଭଦ୍ରା ଯୋଜନା ପାଇଁ ବଜେଟରେ ୧୦ ହଜାର ୧୪୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏଥିରେ ପ୍ରାୟ ୧ କୋଟିରୁ ଅଧିକ ମହିଳା ଉପକୃତ ହେବେ । ସେହିପରି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପାଇଁ ୧୨ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି । ଏହାସହ ବଜେଟ ଆସ୍ପାପନ କେବେ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ' ଯୋଜନାକୁ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଆର୍ଥିକ ଦୁର୍ବଳ ଝିଅଙ୍କୁ ସ୍ୱାତକ ପର୍ଯ୍ୟନ୍ତ ପଢ଼ାଇବାକୁ ଯୋଜନା କାର୍ଯ୍ୟ କରିବ । ଗରିବ ଝିଅଙ୍କ ନାଁରେ ୨୦ ହଜାର ଟଙ୍କାର ସଂଚୟ ଜମାକରଣ ସୃଷ୍ଟି ହେବ । ସ୍ୱାତକ ସମାପ୍ତ ପରେ ସେମାନଙ୍କୁ ୧ ଲକ୍ଷ ୧ ଟଙ୍କା ପ୍ରଦାନ କରାଯିବ । ବଜେଟରେ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଏହି ଯୋଜନା ପାଇଁ ୧୧୭ କୋଟି ଟଙ୍କାର ପ୍ରସ୍ତାବ ରହିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ସାର୍ବଜନୀନ ସୁରକ୍ଷା, ନ୍ୟାୟ ପ୍ରଦାନ ବ୍ୟବସ୍ଥା ଓ ସୁଶାସନକୁ ଶକ୍ତିଶାଳୀ କରିବା ପାଇଁ ପ୍ରତିଶ୍ରୁତି ବିଦ୍ୟା-ଅଧିକାରିତ ଏବଂ ନାଗରିକ-କେନ୍ଦ୍ରିତ ସୁଧାରକୁ ପ୍ରାଥମିକତା ଦେବ ଆସୁଛନ୍ତି । ଜରୁରୀକାଳୀନ ପ୍ରତିକ୍ରିୟାକୁ ଆହୁରି ସୁଦୃଢ଼ କରିବା ଏବଂ ପୁଲିସ , ଅଗ୍ନିଶମ ଏବଂ ଚିକିତ୍ସା ସେବାର ଦ୍ରୁତ ଉପଲବ୍ଧତା ସୁନିଶ୍ଚିତ କରିବା ଲାଗି ଜରୁରୀକାଳୀନ ପ୍ରତିକ୍ରିୟା ସାହାଯ୍ୟତା ବ୍ୟବସ୍ଥା (ଇଆରଏସଏସ-ଡାଏଲ ୧୧୨) ପାଇଁ ୬୧ କୋଟି ଟଙ୍କାର ପ୍ରସ୍ତାବ ଦେଇଛନ୍ତି । ଚଳିତ ବଜେଟରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବାବଦକୁ ୨୩,୧୮୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଯେଉଁଥିରେ କାର୍ଯ୍ୟକ୍ରମ ବ୍ୟୟ ପାଇଁ ୧୭ ହଜାର ୭ ଶହ ୩୭ କୋଟି ଟଙ୍କା ସାମିଲ ରହିଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରସ୍ତାବିତ ଏହି ବ୍ୟୟ ମୋଟ୍ ବଜେଟ୍ ଆକାରର ୭.୫ ପ୍ରତିଶତରୁ ଅଧିକ । ଯାହା ଆମର ପ୍ରତିବଦ୍ଧତା, ଅଭିପ୍ରାୟ ଓ କାର୍ଯ୍ୟଧାରାକୁ ପ୍ରତିଫଳିତ କରିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ସେ ଆହୁରି ମଧ୍ୟ କହିଛନ୍ତି, ସରକାର ସମସ୍ତଙ୍କ ପାଇଁ ନ୍ୟାୟପୂର୍ଣ୍ଣ, ସୁଲଭ ଓ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ସହ ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା ଅଭିମୁଖେ ଦ୍ରୁତ ଗତିରେ ଅଗ୍ରସର ହେଉଛି । ମାଗଣା ଓ ସୁନିଶ୍ଚିତ ସ୍ୱାସ୍ଥ୍ୟ ସେବା, ମାନବ ସମ୍ବଳର ସୁଦୃଢ଼ୀକରଣ, ଅତ୍ୟାଧୁନିକ ଜନସ୍ୱାସ୍ଥ୍ୟ ଭିତିଭୂମିର ବିକାଶ, ସେବା ଯୋଗାଣର ଶୃଙ୍ଖଳାରଣ, ଚିକିତ୍ସା ବୈଜ୍ଞାନିକ ଜ୍ଞାନକୌଶଳର ବ୍ୟବହାର, ଘରୋଇ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କ ବିନିଯୋଗ, ଆୟୁଷ ବ୍ୟବସ୍ଥାକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କୁ ବହୁବିଧ ଦକ୍ଷତା ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦେଇଛି । ଏଥିପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ଗୁରୁତ୍ୱ ଦିଆଯାଇଛି । ବଜେଟରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟକ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି । ବଜେଟରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (GJAY) ଏବଂ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୪ ହଜାର ୨ ଶହ ୭୯ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଆମେରିକା ସୁପ୍ରିମକୋର୍ଟଙ୍କ ବଡ ଝଟକା

ନୂଆଦିଲ୍ଲୀ, ୨୦/୨(ନ୍ୟୁ.ଏ): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ବଡ଼ ଝଟକା ଦେଇଛନ୍ତି ଆମେରିକା ସୁପ୍ରିମକୋର୍ଟ । ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ଅନ୍ୟ ଦେଶ ମାନଙ୍କ ଉପରେ ଲଗାଯାଇଥିବା ଶୁଳ୍କକୁ ଅବୈଧ ଘୋଷଣା କରି ରଦ୍ଦ କରାଯାଇଛି । ତାଙ୍କ ନିଷ୍ପତ୍ତିରେ, କୋର୍ଟ କହିଛନ୍ତି ଯେ, ଟ୍ରମ୍ପ ଏତେ ଦେଶ ଉପରେ ଶୁଳ୍କ ଲଗାଇ ନିଜର ଅଧିକାର କ୍ଷେତ୍ରକୁ ଅତିକ୍ରମ କରିଛନ୍ତି । ନିଷ୍ପତ୍ତିରେ କୁହାଯାଇଛି କି, ଟ୍ରମ୍ପ ଜାତୀୟ ଜରୁରୀକାଳୀନ ପରିମ୍ପିତିରେ ବ୍ୟବହାର ପାଇଁ ଡିଜାଇନ୍ ହୋଇଥିବା ଏକ ଆଇନ ଅଧୀନରେ ଶୁଳ୍କ ଲଗାଇଛନ୍ତି । କୋର୍ଟଙ୍କ ଏହି ନିଷ୍ପତ୍ତି ଆମେରିକାର ଅର୍ଥନୀତି, ଉପଭୋକ୍ତା ଏବଂ ରାଷ୍ଟ୍ରପତିଙ୍କ ବାଣିଜ୍ୟ ନୀତି ଉପରେ ଦୂରଗାମୀ ପ୍ରଭାବ ପକାଇବ । ଟ୍ରମ୍ପ ପ୍ରଶାସନ କହିଥିଲେ ଯେ, ସୁପ୍ରିମକୋର୍ଟରେ ପରାଜୟ ହେଲେ, ସରକାରଙ୍କୁ ଅନ୍ୟ ଦେଶ ସହିତ ବାଣିଜ୍ୟ ବୁଝି ପ୍ରତ୍ୟାହାର କରିବାକୁ ଏବଂ ଆମଦାନୀକାରୀ ମାନଙ୍କୁ ଯଥେଷ୍ଟ ପରିମାଣର ଅର୍ଥ ଫେରାଣ୍ଡ ଦେବାକୁ ବାଧ୍ୟ କରାଯାଇପାରିବ । ଟ୍ରମ୍ପ ହେଉଛନ୍ତି ପ୍ରଥମ ରାଷ୍ଟ୍ରପତି ଯିଏ ସଂସଦର ଅନୁମୋଦନ ବିନା ଏକପାଖିଆ ଭାବରେ ଶୁଳ୍କ ଲଗାଇବାର ଅଧିକାର ଦାବି କରିଛନ୍ତି । ୧୯୭୦ ଦଶକର ଏକ ଜରୁରୀକାଳୀନ ଆଇନକୁ ଉଦ୍ଧୃତ କରି ଶୁଳ୍କ ଲଗାଇଥିଲା । ମୁଖ୍ୟ ବିଚାରପତି ଜନ୍ ଜି. ରବର୍ଟସ୍ ଜୁନିଅର କହିଛନ୍ତି ଯେ ଆଇନ ରାଷ୍ଟ୍ରପତିଙ୍କୁ ଶୁଳ୍କ ଲାଗୁ କରିବାକୁ ଅଧିକାର ଦିଏ ନାହିଁ । ମୁଖ୍ୟ ବିଚାରପତି ଲେଖିଛନ୍ତି, 'ରାଷ୍ଟ୍ରପତି ଅସୀମ ପରିମାଣ, ଅବଧି ଏବଂ ପରିସରର ଏକପାଖିଆ ଶୁଳ୍କ ଲାଗୁ କରିବାକୁ ଅସାଧାରଣ କ୍ଷମତା ଦାବି କରିଛନ୍ତି । ଏହି ଦାବିର ପରିସର, ଇତିହାସ ଏବଂ ସାମ୍ବିଧାନିକ ପ୍ରସଙ୍ଗକୁ ଦୃଷ୍ଟିରେ ରଖି, ତାଙ୍କୁ ଏହାକୁ ପ୍ରୟୋଗ କରିବା ପାଇଁ ସ୍ପଷ୍ଟ ସଂସଦୀୟ ଅଧିକାର ପ୍ରଦର୍ଶନ କରିବାକୁ ପଡିବ ।'

ଏଆଇ ସମ୍ମିଳନୀରେ ଯୁବ କଂଗ୍ରେସ କର୍ମୀଙ୍କ ସାର୍ଟ ଖୋଲି ବିରୋଧ ପ୍ରଦର୍ଶନ



ନୂଆଦିଲ୍ଲୀ, ୨୦/୨(ନ୍ୟୁ.ଏ): ଦିଲ୍ଲୀର ପ୍ରଗତି ମୈଦାନର ଭାରତ ମଣ୍ଡପମରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟର ସୁରକ୍ଷା ବଳୟ ଭାଙ୍ଗି ଶୁଭ୍ରବାର ଭିତରେ ପଶିଛନ୍ତି ଯୁବ କଂଗ୍ରେସ କାର୍ଯ୍ୟକର୍ତା । ଯାହାକୁ ନେଇ ରାଜନୀତି ଆରମ୍ଭ ହୋଇଥିବ ବେଳେ ସୁରକ୍ଷାକର୍ମୀ ଯୁବ କଂଗ୍ରେସ କାର୍ଯ୍ୟକର୍ତାଙ୍କୁ ହେପାଜତକୁ ନେଇଛନ୍ତି । ବିଜେପି ନେତା ଅମିତ ମାଲବୀୟ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ଉକ୍ତ ଘଟଣାକୁ ରାଷ୍ଟ୍ରୀୟ ଲଜ୍ଜା ବୋଲି କହିଛନ୍ତି । ସେ ଲେଖିଛନ୍ତି, 'ଏକ ପ୍ରତିଷ୍ଠିତ ବିଶ୍ୱସ୍ତରୀୟ ଏଆଇ ସମିଟର ଆୟୋଜନ ଭାରତ କରିଛି । ବୈଷୟିକ ଜ୍ଞାନକୌଶଳରେ ନୂଆ କ୍ଷମତା ଓ ନେତୃତ୍ୱର ପ୍ରଦର୍ଶନ କରୁଛି ।' ଭାରତର ଗୌରବ ବଢୁଥିବା ବେଳେ କଂଗ୍ରେସ ଦଳ ଦେଶର ମୁଣ୍ଡକୁ ତଳକୁ କରିଛି । ଅମିତ ମାଲବୀୟ କହିଛନ୍ତି, 'ରାହୁଲ ଗାନ୍ଧୀଙ୍କ ନେତୃତ୍ୱାଧୀନ କଂଗ୍ରେସର କାର୍ଯ୍ୟକର୍ତା କାର୍ଯ୍ୟକ୍ରମ ସ୍ଥଳରେ ଅର୍ଦ୍ଧ ନଗ୍ନ ହୋଇ ପହଂଚି ହଙ୍ଗାମା କରିଛନ୍ତି । ଏହା ସ୍ପଷ୍ଟ ଭାବରେ ବିଶ୍ୱ ମଂଚରେ ଭାରତକୁ ଲଜ୍ଜିତ କରିବା ଭଳି ଲାଗୁଛି ।' ସେ ଆହୁରି ଲେଖିଛନ୍ତି, 'ଦେଶ ଯେତେବେଳେ ନିଜକୁ ବୈଶ୍ୱିକ ଜ୍ଞାନକୌଶଳର ଶକ୍ତି ଭାବେ ପ୍ରୋଜିତ କରିବା ପାଇଁ ପ୍ରଚେଷ୍ଟା କରୁଛି । ସେହି ସମୟରେ ଏଭଳି ଆଚରଣ କେବଳ ସେହିମାନଙ୍କ ସ୍ୱାର୍ଥରେ, ଯେଉଁମାନେ ଭାରତକୁ ଦୁର୍ବଳ ଦେଖିବାକୁ ଚାହୁଁଛନ୍ତି । ରାଜନୈତିକ ବିରୋଧ ଗଣତନ୍ତ୍ରର ଅଧିକାର । କିନ୍ତୁ ବିଶ୍ୱସ୍ତରରେ ଭାରତର ଛବିକୁ କ୍ଷତି କରିବା ନୁହେଁ । ଭାରତ ଏହାଠୁ ଅଧିକ ପାଇବାକୁ ଯୋଗ୍ୟ ।' ଯୁବ କଂଗ୍ରେସର ପ୍ରଦର୍ଶନ ସମୟରେ ସମିତିରେ ଦେଶ-ବିଦେଶର ଅନେକ ପ୍ରତିନିଧି ଉପସ୍ଥିତ ଥିଲେ । କଂଗ୍ରେସ କାର୍ଯ୍ୟକର୍ତା ହଠାତ ବ୍ୟାନର-ପୋଷ୍ଟର ନେଇ ମୁଖ୍ୟ ହଲ୍‌ରେ ପହଂଚିଥିଲେ । ସୁରକ୍ଷାକର୍ମୀ ସଙ୍ଗେ ସଙ୍ଗେ ପ୍ରଦର୍ଶନକାରୀଙ୍କୁ ହେପାଜତକୁ ନେଇ ବାହାରକୁ ନେଇ ଯାଇଥିଲେ । ପୋଲିସ ଅନୁସାରେ, ପ୍ରାୟ ୧୦ ଜଣ କଂଗ୍ରେସ କାର୍ଯ୍ୟକର୍ତା ଭିତରକୁ ପଶିଥିଲେ । ସେମାନଙ୍କୁ ଧରା ଯାଇଛି । ସମସ୍ତେ କ୍ୟୁଆର୍ କୋଡ୍ ଦ୍ୱାରା ପ୍ରବେଶ କରିଥିଲେ । ଜଡ଼ା ସୁରକ୍ଷା ସତ୍ତ୍ୱେ କେମିତି ପ୍ରବେଶ କଲେ ତାର ତଦନ୍ତ କରାଯାଇଥିବା ପୋଲିସ କହିଛି । ସୂଚନାଯୋଗ୍ୟ, ଭାରତରେ ଆୟୋଜିତ ଏହି ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ ଗ୍ଲୋବାଲ ସାଉଥରେ ପ୍ରଥମ ବିଶ୍ୱସ୍ତରୀୟ ସମ୍ମିଳନୀ । ଯେଉଁଥିରେ ରେକର୍ଡ ସଂଖ୍ୟକ ଅନ୍ତର୍ଜାତୀୟ ଲାଗିଦାରୀ ଦେଖିବାକୁ ମିଳିଛି । ଔପନିବେଶିକ ୨୦ରୁ ଅଧିକ ଦେଶର ରାଷ୍ଟ୍ରମୁଖ୍ୟ, ୬୦ ମନ୍ତ୍ରୀ ଏବଂ ୫୦୦ରୁ ଅଧିକ ବୈଶ୍ୱିକ ଏଆଇ ବିଶେଷଜ୍ଞ ଏବଂ ଉଦ୍ୟୋଗ ପ୍ରତିନିଧି ସାମିଲ ହୋଇଛନ୍ତି ।

'ବିକଶିତ ଭାରତ' ଲକ୍ଷ୍ୟ ହାସଲରେ ନିର୍ଣ୍ଣାୟକ ଭୂମିକା ନେବ ଏଆଇ

ନୂଆଦିଲ୍ଲୀ, ୨୦/୨(ନ୍ୟୁ.ଏ): ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଭାରତ ସରକାର ଅନେକଗୁଡ଼ିଏ ପଦକ୍ଷେପ ନେଉଛନ୍ତି । ତେବେ 'ବିକଶିତ ଭାରତ' ଲକ୍ଷ୍ୟ ହାସଲ ଦିଗରେ ଏଆଇର ବଳିଷ୍ଠ ଅବଦାନ ରହିବ ବୋଲି ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜର୍ଜିଭିଆ ପ୍ରକାଶ କରିଛନ୍ତି । ଭାରତ ମଣ୍ଡପମ୍‌ରେ ଚାଲିଥିବା ଏଆଇ ଇମ୍ପାକ୍ଟ ସମ୍ମିଳନୀରେ ଯୋଗ ଦେଇ କ୍ରିଷ୍ଟାଲିନା କହିଲେ ଯେ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଯେଉଁ ଗବେଷଣା କରିଛି ସେଥିରେ ବିଶ୍ୱ ଅଣିବୃଦ୍ଧି କ୍ଷେତ୍ରରୁ ଏଆଇର ବଳିଷ୍ଠ ଅବଦାନ ଥିବା ସ୍ପଷ୍ଟ ହୋଇଛି । ତେବେ ଭାରତ ୨୦୪୭ ସୁଦ୍ଧା ୩ଠ ଟ୍ରିଲିଅନ୍ ଅର୍ଥନୀତିରେ ପରିଣତ ହେବାକୁ ଲକ୍ଷ୍ୟ ରଖିଥିବାରୁ ଏଆଇ ବିନିଯୋଗ ଦ୍ୱାରା ଏହି ଲକ୍ଷ୍ୟ ହାସଲ ପାଇଁ ଅଣିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରାଯାଇ ପାରିବ । ଗୋଟିଏ ପଟେ ଏଆଇକୁ ବିନିଯୋଗ କରି ଦ୍ରୁତ ଅଣିବୃଦ୍ଧି ପାଇଁ ଭାରତ ସମର୍ଥ ହୋଇ ପାରିବ ବୋଲି କହିଥିବା ବେଳେ ସେ କିନ୍ତୁ ଏଆଇର ଅପବ୍ୟବହାର ରୋକିବା ଦିଗରେ ମଧ୍ୟ ପ୍ରଯୁକ୍ତିକୁ ଦୃଢ଼ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଏଆଇ ଦ୍ୱାରା ଆନ୍ତର୍ଜାତିକ ସ୍ତରରେ ୪୦ ପ୍ରତିଶତ ନିଯୁକ୍ତି ସୁଯୋଗ ସଂକୁଚିତ ହେବ ବୋଲି କ୍ରିଷ୍ଟାଲିନା କହିଛନ୍ତି । କିନ୍ତୁ ଭାରତରେ ଯୁବ ଶକ୍ତି ସହ ପ୍ରଯୁକ୍ତିକୁ ନେଇ ଏଆଇ ଭଳମ ଭାବେ କାର୍ଯ୍ୟ କରିପାରିବ ବୋଲି ସେ କହିଛନ୍ତି ।

ଏ ବଜେଟ୍ ଗଢ଼ିବ ବିକଶିତ ଓ ସମାବେଶୀ ଓଡ଼ିଶା, ସବୁ ବର୍ଗର ସ୍ୱପ୍ନ, ଆକାଙ୍କ୍ଷା ପୂରଣ ହେବ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୦/୨ (ଆ.ପ୍ର) : ଉପସ୍ଥାପିତ ହୋଇଛି ବଜେଟ୍ ୨୦୨୬-୨୭ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବଜେଟ୍ ଉପସ୍ଥାପନ କରିଥିବାବେଳେ ଏଥରକ ୩ ଲକ୍ଷ ୧୦ ହଜାର କୋଟିର ବଜେଟ୍ ଉପସ୍ଥାପିତ ହୋଇଛି । ବଜେଟ୍ ଉପସ୍ଥାପନ ପରେ ପ୍ରେସମିଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି କି, ଏହି ବଜେଟରେ ସବୁ ବର୍ଗର ଜନସାଧାରଣଙ୍କ ସ୍ୱପ୍ନ, ଆଶା ଓ ଆକାଂକ୍ଷା ପୂରଣ କରିବା ସହ ରାଜ୍ୟକୁ ବିକାଶର ଗତିପଥରେ ତ୍ୱରିତ ବେଗରେ ଅଗ୍ରସର କରାଯିବା ଦିଗରେ ସହାୟକ ହେବ । ଏହି ବଜେଟ୍ କେବଳ ଆଗାମୀ ବର୍ଷର ଆୟ-ବ୍ୟୟର ହିସାବ ନୁହେଁ; ଏହା ଏକ ସମୃଦ୍ଧ, ସଶକ୍ତ ଏବଂ ସମାବେଶୀ ଓଡ଼ିଶା ଗଠନ ଦିଗରେ ଏକ ସୁଦୃଢ଼ ଓ ନିର୍ଣ୍ଣାୟକ ପଦକ୍ଷେପ ଅଟେ । ଗତବର୍ଷ ଜୁନ ମାସରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ବିଜନ ୨୦୩୬ ଓ ୨୦୪୭ ଆମ ପାଇଁ ଏକ ପଥପ୍ରଦର୍ଶକ ଓ ବର୍ଷପଞ୍ଜିକା ସଦୃଶ ଅଟେ । ଏହି ବିଜନକୁ ସାକାର କରିବା ପାଇଁ ଆମେ ଭିତିଭୂମି ବିକାଶ, ପୁଞ୍ଜି ନିବେଶ, ନଗର ଉନ୍ନୟନ, ବନ୍ଦର ଭିତିକ ବିକାଶ, ଶିଳ୍ପାୟନ, ଏବଂ କୃଷି ଓ ଜଳସେଚନ ଭଳି କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେଇ ଏହି ବଜେଟ୍ ପ୍ରସ୍ତୁତ କରିଛୁ । ଏସହସହିତ, ଶିକ୍ଷା, ସ୍ୱାସ୍ଥ୍ୟସେବା, ସାମାଜିକ ସୁରକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ସର୍ବାଙ୍ଗୀନ ବି

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଦୈନିକ
ଆରମ୍ଭ
SEITHO ARAMBHA

ଶନିବାର, ୨୧ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ସୂଚନା ଅଧିକାର ଆଇନ ଅବମାନନା ଅଭିଯୋଗରେ ଧାମନଗର ବାହୁବଳି ବିଡିଓଙ୍କୁ ୧୬ ହଜାର ଅର୍ଥଦଣ୍ଡ ନିର୍ଦ୍ଦେଶ

ଧାମନଗର, ୨୦/୨ (ଆ.ପ୍ର) : ଧାମନଗର ବ୍ଲକରେ ୩ ବର୍ଷରୁ ଅଧିକ ସମୟ ଧରି ଇଚ୍ଛୁ, ଚନ୍ଦ୍ର ମାଳୁ ନଡ଼ୁରା ବାହୁବଳି ବିଡ଼ିଓ ଜନବିହାରୀ ପିଆ ସୂଚନା ଅଧିକାର ଆଇନର ନିୟମ ଅନୁସରଣରେ ଅବହେଳା ଓ ନିର୍ଦ୍ଦିଷ୍ଟ ସମୟରେ ତଥ୍ୟ ପ୍ରଦାନ କରିବାରେ ଅବିଳମ୍ବରେ ଓଡିଶା ସୂଚନା ଆୟୋଗ ପକ୍ଷରୁ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ୪ବିଭାଗର ଅଧିକାରୀଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି । ଆୟୋଗଙ୍କ ଏହି କଡ଼ା ପଦକ୍ଷେପ ପ୍ରଶାସନିକ ମଂଚରେ ଚର୍ଚ୍ଚାକୁ ଜୋର ଦେଇଛି । ସୂଚନା ଅନୁଯାୟୀ ୨୦୨୩ ଅପ୍ରେଲ ୧୦ ତାରିଖରେ ସୂଚନା ଅଧିକାର କର୍ମୀ ଭଦ୍ରକର ବିକାଶ ଧର ଧାମନଗର ବ୍ଲକ ଜନ ସୂଚନା ଅଧିକାରୀଙ୍କୁ ଆବେଦନ କରି 'ମୋ ପୋଷରୀ' 'ପ୍ରଧାନମନ୍ତ୍ରୀ/ଇନ୍ଦିରା ଆବାସ' 'ମଧୁବାବୁ ଗେନ୍ଦନନ(ଭତା)' ଓ 'ସ୍ୱଚ୍ଛ ଭାରତ ମିଶନ(ପାଇଖାନା)' ଯୋଜନାରେ ଗତ ୧୦ ବର୍ଷ ମଧ୍ୟରେ ଉପକୃତ ହୋଇଥିବା ହିତାଧିକାରୀଙ୍କ ସଂପୂର୍ଣ୍ଣ ବିବରଣୀ ଚାହିଁଥିଲେ । କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ତଥ୍ୟ ନ ମିଳିବାରୁ ସେ ୨୦୨୩ ମେ ୨୨ ତାରିଖରେ ପ୍ରଥମ ଅପିଲ ଓ ପରେ ୨୦୨୩ ଜୁଲାଇ ୧୪ ତାରିଖରେ ଦ୍ୱିତୀୟ ଅପିଲ ଆୟୋଗଙ୍କ ଠାରେ ଦାଖଲ କରିଥିଲେ । ଦ୍ୱିତୀୟ ଅପିଲ ସଂଖ୍ୟା (୨୬୯୬/୨୩) ରେ ଆୟୋଗ ମାମଲାକୁ ଗ୍ରହଣ କରି ୨୦୨୫ ନଭେମ୍ବର ୨୭ ତାରିଖରେ ବିଚାର କରିଥିଲେ । ବିଚାର ସମୟରେ ଆବେଦକ ଉପସ୍ଥିତ ଥିବା ବେଳେ ବୁଢ଼ା ପକ୍ଷରୁ ଜନ ସୂଚନା ଅଧିକାରୀ, ବିଏସଏସଓ ଯଶୋଦା ସାହୁ ଓ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଶର୍ମିଷ୍ଠା ମଲ୍ଲିକ ଉପସ୍ଥିତ ହୋଇଥିଲେ । ସମ୍ପୃକ୍ତ ବିଭାଗମାନଙ୍କୁ ଫୁଲଫୁଲ୍ସ ଫିଟିମାମଲାରେ ଅବଗତ କରାଯାଇଥିଲେ ମଧ୍ୟ ତଥ୍ୟ ଦାଖଲ ହୋଇନଥିବା ଆୟୋଗଙ୍କ ଶୁଣାଣୀରେ ଉପସ୍ଥିତ ହୋଇଥିଲେ । ଏହା ପରେ ଆୟୋଗ କାରଣ ଦର୍ଶାଉ ନୋଟିସ ଜାରୀ କରିଥିଲେ । ଗତ ଜାନୁଆରୀ ୭ ତାରିଖରେ ଉଭୟ ବିଚାର କରି ଏପିଲ ପାଲୁଷ୍ଟ ରାଉତ (ଏନଆଇଜଏଏ), ସିଆଇ(ଗ୍ରାମ ଲାଇଫ) ପ୍ରମାଣ ଗଣ୍ଡିନ, ଭାରପ୍ରାପ୍ତ ଡିଏସଏସଓ ଅଭୁଲ ବାସନ୍ତଆ ଓ ବିଆରସି (ସ୍ୱଚ୍ଛ ଭାରତ ମିଶନ) ଲକ୍ଷ୍ମୀଧର ଗାଲକଙ୍କୁ ସୂଚନା ଅଧିକାର ଆଇନ ଅବମାନନାରେ ପ୍ରତ୍ୟେକଙ୍କୁ ୪ ହଜାର ଟଙ୍କା ଅର୍ଥଦଣ୍ଡ ଜରିମାନା ଜରାଯାଇ ମୋଟ ୧୬ ହଜାର ଟଙ୍କା ଦେବାଲାଗି ୧୭ ତାରିଖ ଧାମନଗର ବିଡିଓଙ୍କୁ ନିର୍ଦ୍ଦେଶ ପାଠାଇଛି । ଚିଠି ପାଇବାର ୩୦ ଦିନ ମଧ୍ୟରେ ଜେରିମାନା ଫିଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ଦ୍ଦିଷ୍ଟ ସମୟରେ ଅର୍ଥ ଫିଟି ନ କରାଗଲେ, ଆସନ୍ତା ମାର୍ଚ୍ଚ ୨୦୨୬ରୁ ସମ୍ପୃକ୍ତ ଅଧିକାରୀଙ୍କ ଦେବନଗୁ ୨ ଟି କିସ୍ତିରେ ଅର୍ଥ ଆଦାୟ କରି ଏହାର ରିପୋର୍ଟ ଆୟୋଗଙ୍କ ରେଜିଷ୍ଟ୍ରାରଙ୍କୁ ଦାଖଲ କରିବାକୁ ବ୍ଲକ ଉନ୍ନୟନ ଅଧିକାରୀ ଦାଖଲ ହୋଇଥିବା ଆୟୋଗଙ୍କ ଶୁଣାଣୀରେ ଉପସ୍ଥିତ ହୋଇଥିଲେ । ଏହା ପରେ ଆୟୋଗ ଦ୍ୱାରା ନିର୍ଦ୍ଦେଶ ଦିଆଯାଇଛି । ଗୁନ୍ନ ଅଭିଳାଷ ଆଇନର ପାଳନ ନିମନ୍ତେ ଆୟୋଗଙ୍କ ଏହି ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରିଥିବା ଦେଖାଯାଇଛି ।

ଜିଲ୍ଲାସ୍ତରୀୟ ଡାହାଣୀ ପ୍ରଥା ନିଷେଧ ଓ ସଚେତନତା କର୍ମଶାଳା ଅନୁଷ୍ଠିତ

ରାୟଗଡ, ୨୦/୨ (ଆ.ପ୍ର) : ଡାହାଣୀ ସନ୍ଦେହରେ ଘଟୁଥିବା ନିର୍ଯାତନା ଭଳି ଅମାନବିକ କୁପ୍ରଥାକୁ ଗୋଳିବା ଓ ସମାଜରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲା ପରିଷଦ ସଭାଗୃହ କକ୍ଷଠାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ରାୟଗଡ ଶ୍ରୀମତୀ ମିନତୀ ଦେଓଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଡାହାଣୀ ସନ୍ଦେହ ନାମରେ ନିର୍ଦ୍ଦୋଷ ବ୍ୟକ୍ତି, ବିଶେଷ କରି ନାରୀ ନିର୍ଯାତନା, ସାମାଜିକ ବହିଷ୍କାର ଓ ହିଂସା, ହତ୍ୟା ଭଳି ଅମାନୁଷିକ କାଣ୍ଡ ଗୋଳିବା ପାଇଁ ଏହା ଏକ ସୁନ୍ଦର ପଦକ୍ଷେପ ଏବଂ ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ଭାବେ ଏହାର ମୁକାବୋଚନ କରିବାକୁ ଚେଷ୍ଟା ଜାରି ରଖିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରୋସନାର ବରଲା ଆରକ୍ଷୀ ଅଧୀକ୍ଷକ ଓଡିସିସବେ ଡଃ. ଶ୍ୟାମ ଚରଣ ଗୁରୁ , ଅତିରିକ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବେବରାଜ ଚାଙ୍ଗୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସମ୍ବିତା ବେହେରା, ଶ୍ରୀମତୀ ପ୍ରତିମାରାଣୀ ଦାସ ଜିଲ୍ଲା ସୁରକ୍ଷା ଅଧିକାରୀ ଡାଟା କାର୍ଯ୍ୟକ୍ରମ ଅଧିକାରୀ, ଶ୍ରୀମତୀ ଅଛଲା ସୁନା କାର୍ଯ୍ୟକ୍ରମ ଅଧିକାରୀ, ମାନବି ପାତ୍ର ଶୁଭିସିସଂଘ ଜିଲ୍ଲା ସଂଯୋଜକ , ହେନା ରାଣୀ ପ୍ରଧାନ ଆଲା ସଂଯୋଜକ, ହେନତାନୀ ପ୍ରଥାନେ ଏଣିଏ ସଙ୍ଗଠନ, ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ, ସଂଜ୍ଞ ହବ୍ କର୍ମୀ ,ଓ୍ୱାନ୍ ଷ୍ଟପ ସେଂଟର୍ କର୍ମୀ, ଶକ୍ତି ସଦନ କର୍ମୀ, କିଶୋର ବାଳକ ବାଳିକା, ସ୍ୱେଚ୍ଛାସେବୀ ମହିଳା ମଣ୍ଡଳୀର ସଦସ୍ୟା ପ୍ରମୁଖ ୨୦ ଜଣଙ୍କୁ ଅଧିକ ମହିଳା ଯୋଗ ଦେଇଥିଲେ । ଡାହାଣୀ ଏକ ଭ୍ରାନ୍ତଧାରଣା, ବହୁଚରିତ୍ର ସ୍ୱାଭାବ ଭଳି ଏହା ଏକ ମାନସିକ ରୋଗ, ପୁଣିଆ ପାଖକୁ ନଯାଇ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ଯିବାକୁ କର୍ମଶାଳାରେ ଯୋଗଦେଇ ବିଶେଷଜ୍ଞ ଶ୍ରୀଯୁକ୍ତ ରବି ନାରାୟଣ ଶତପଥୀ, ଆଡ୍‌ଭୋକେଟ ଏବଂ ଶ୍ରୀ ନରେଶ ଶର୍ମା, ପାରାମଳ ସଂସ୍ଥା ପରାମର୍ଶ ଦେବା ସହ ବିଜିନ୍ନ ଅଂଚଳରେ ଘଟିଥିବା ଡାହାଣୀ ସନ୍ଦେହ ଘଟଣା ସମ୍ପର୍କରେ ନିଜର ଅଭିଜ୍ଞତା ବ୍ୟାଖ୍ୟା କରିଥିଲେ । ଯଦିବି ବିଜ୍ଞାନ ଯୁଗରେ ଆମେ ବଂଚୁଛନ୍ତି ତଥାପି ଡାହାଣୀ ସନ୍ଦେହ ଭଳି କୁପ୍ରଥା ଏବେ ଯାଏ ସଂପୂର୍ଣ୍ଣ ଭାବେ ସମାଜରୁ ଦୂର ହୋଇନାହିଁ । ଏହା ଏକ ପ୍ରକାର ଘରୋଇ ହିଂସା, ଏହା ଗରୀବୁ ଆଉଗ ହୋଇ ସମାଜ କୁ ବ୍ୟାପିଛି ତେଣୁ ଏ ନେଇ ନିଜ ପରିବାରରୁ ହିଁ ସଚେତନତା ଆରମ୍ଭ ହେବା ଆବଶ୍ୟକ । ଓଡିଶା ଡାହାଣୀ ଶିକାର ନିରାକରଣ ଆଇନ ୨୦୧୩ ସମ୍ପର୍କରେ ଆଲୋଚନା କରିବା ସହ ବିଜିନ୍ନ ଆଇନଗତ ଦଣ୍ଡବିଧାନ ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଇଥିଲେ । ଅଧିନିୟମରେ ୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହିତ ୫ ,୦୦୦ ବା ତଦୂର୍ଦ୍ଧ ଟଙ୍କା ଜୋରିମାନା ହେବ ବୋଲି ଡାଲିମ ବାଡା ବରିଷ୍ଠ ଓକିଲ, ଶ୍ରୀ ରବିନାରାୟଣ ଶତପଥୀ ମାମଲା ପରିଚାଳନା କ୍ଷେତ୍ରରେ ଥିବା ସମସ୍ୟା, ସମାଧାନର ବାଟ, ଆଇନର ଧାରା, ଦଫା, ଏଫଆଇଆରରୁ ଚାର୍ଜସିଟ ପର୍ଯ୍ୟନ୍ତ କିପରି ଚଳନ କରିବେ, ସାକ୍ଷୀ ମାନଙ୍କୁ କିପରି ଜେରା କରିବେ, ଅଭିଯୁକ୍ତକୁ କିପରି ଦଣ୍ଡ ଦିଆଯିବ, ଏହି ସବୁ ବିଷୟରେ ତାଲିମ ପ୍ରଦାନ କରିଥିଲେ ଡାହାଣୀ ସନ୍ଦେହ ଦ୍ୱାରା ଜଣେ ନାଗରିକର ମୀତି ମୌଳିକ ଅଧିକାର କ୍ଷୁଣ୍ଣ ହୋଇଥାଏ, ତାହା ହେଉଛି ଧାରା-୧୫ ଲିଙ୍ଗଗତ ଭେଦଭାବ, ଧାରା- ୧୪ ଆଇନଗତ ଅଧିକାର କ୍ଷୁଣ୍ଣ, ଏବଂ ଧାରା-୨୧ ସମାଜରେ ସମ୍ମାନର ସହିତ ବଂଚିବାର ଅଧିକାର । ଡାହାଣୀ ଭଳି କୁପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ କର୍ମଶାଳାରେ ଆହ୍ୱାନ ଦିଆଯାଇଥିଲା । ଏହି କୁପ୍ରଥା ଯୋଗୁଁ ନିଃସହାୟ ମହିଳା ଶିକାର ହୁଅନ୍ତି, ନିର୍ଯାତିତା ହୁଅନ୍ତି । ମହିଳା ମାନଙ୍କୁ ଡାହାଣୀ ଆଖ୍ୟା ଦେଇ ସେମାନଙ୍କ ସମ୍ପତ୍ତି ହଡ଼ପ କରାଯାଏ । ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଏହା ହୁଏ ବୋଲି ଆଲୋଚନା ହୋଇଥିଲା । ଡାହାଣୀ, ତନ୍ତ୍ର ମନ୍ତ୍ର, ଚେଙ୍କ ଦେବା ଏବଂ କୁପ୍ରଥା ଏବଂ ଅନ୍ଧ ବିଶ୍ୱାସରୁ ଦୂରେଇ ରହିବା ପାଇଁ ଏବଂ ଶରୀରରେ ରୋଗ ହେଲେ ଡ଼ାକ୍ତରଖାନା ଯିବା ପାଇଁ ପରାମର୍ଶ ଦିଆଯାଇଥିଲା । ଏହି ଅବସରରେ ବିଜିନ୍ନ ବ୍ଲକରୁ ଆସିଥିବା ଅଙ୍ଗନବାଡି କର୍ମୀ, ଆଶା,କିଶୋରୀ ବାଳିକା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା ଓ ବିଶେଷଜ୍ଞ ମାନଙ୍କ ମଧ୍ୟରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଡାହାଣୀ ନିର୍ଯାତନା ଏବଂ ବାଲ୍ୟ ବିବାହ ସମ୍ପର୍କିତ ମାମଲା ପାଇଁ ପୋଲିସ ହେଲ୍ପ ଲାଇନ୍, ମହିଳା ହେଲ୍ପ ଲାଇନ୍ - ୧୮୧, ଶିଶୁ ସହାୟତା ହେଲ୍ପ ଲାଇନ୍ - ୧୦୯୮ ସୁଲଭ୍ରା ହେଲ୍ପ ଲାଇନ୍- ୧୪୬୬୭୮ କୁ କଲ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଏବଂ ବାଲ୍ୟ ବିବାହ ମୁକ୍ତ ଭାରତ ପାଇଁ ୧୦୦ ଦିନିଆ କାର୍ଯ୍ୟକ୍ରମ ରେ ହୋଇଥିବା ବିଦ୍ୟାଳୟ ଓ ମାହାବିଦ୍ୟାଳୟ ସ୍ତର ରେ ହୋଇଥିବା ରଚନା ଓ ବିତର୍କ ପ୍ରତିଯୋଗିତା ରେ ବିଜୟୀ ଛାତ୍ର ଛାତ୍ରୀଙ୍କୁ ମାନପତ୍ର ସହ ଟ୍ରୋଫି ପ୍ରଦାନ କରାଯିଛାଯାଇ । ଶେଷରେ ଜିଲ୍ଲା ସଂଚାଳ ହବ ର ସଂଯୋଜକ ଶ୍ରୀ ବିବାକର ପରିଚ୍ଛା ଧନ୍ୟବାଦ ଅର୍ପଣ କରିଥିଲେ ।

ଭଦ୍ରକ ଯୋଗାଣ ଅଧିକାରୀ ଓ ଗ୍ୟାସ ଏଜେନ୍ସିର ମଧୁ ଚନ୍ଦ୍ରିକାରେ ଚାଲିଛି ଘରୋଇ ଜାଲେଣି ଗ୍ୟାସର କଳାବଜାରୀ

ଧାମନଗର, ୨୦/୨ (ଆ.ପ୍ର) : ସରକାର ଗାଁ ଗହଳିରେ ବସ୍ତ୍ରାସ କରୁଥିବା ସମସ୍ତ ଗୃହିଣୀମାନଙ୍କର ପ୍ରମୁଖ ସମସ୍ୟାର ସମାଧାନ କରିବା ପାଇଁ ସରକାର ପ୍ରତ୍ୟେକଟି ପରିବାର ପାଖରେ ଲଣ୍ଡନ ଗ୍ୟାସ ସିଲିଣ୍ଡର ପହଂଚାଇବାକୁ ବିଜିନ୍ନ ଯୋଜନା ଜାରିକରିଛନ୍ତି । ଗରୀବ ପରିବାର ପାଇଁ ଉଜ୍ଜ୍ୱଳା ଯୋଜନାରେ କମ ଦାମରେ ଅଧିକ ହିତାତି ରେ ଲଣ୍ଡନ ଗ୍ୟାସ ଯୋଗାଇଛନ୍ତି । ଯାହାର ସରକାରୀ ମୂଲ୍ୟ ୧୪.୨କେଜିକୁ ୮୦୦ ଟଙ୍କା ରଖାଯାଇଛି । ଏହାକୁ ଜଣେ ସାଧାରଣ ଉପଭୋକ୍ତା ନେଲେ ଯାହାର ସବସିଡ଼ି ୨୩ ଟଙ୍କା ବ୍ୟାଙ୍କ ଖାତାକୁ ଯାଇଥାଏ । ଠିକ ସେହିପରି ଉକ୍ତ ଗ୍ୟାସ ସିଲିଣ୍ଡରକୁ ଜଣେ ଉଜ୍ଜ୍ୱଳା ଉପଭୋକ୍ତା ନେଲେ ତାର ବ୍ୟାଙ୍କ ଖାତାକୁ ୩୩୦ ଟଙ୍କା ଫେରି ଯାଇଥାଏ । ସେହିପରି ବ୍ୟବସାୟ ଉଦ୍ଦେଶ୍ୟରେ ବ୍ୟବହାର କରିବା ପାଇଁ ସରକାର ୧୯କେଜି ଓଜନର ସିଲିଣ୍ଡର ବ୍ୟବସ୍ଥା ରଖିଛନ୍ତି । ଯାହାର ମୂଲ୍ୟ ୧୮୮୨ ଟଙ୍କା ରଖିଛନ୍ତି । କିନ୍ତୁ ଏକ ଦୁଖର ବିଷୟ ସରକାର ଯେଉଁ ଉଦ୍ଦେଶ୍ୟ ପାଇଁ ସାଧାରଣ ଲୋକଙ୍କ ସୁବିଧା ପାଇଁ ବିଜିନ୍ନ ଯୋଜନା କରିବା ସହିତ ବିଜିନ୍ନ ସ୍ୱବିଧର ସୁବିଧା ଦେବା ସହିତ ତାହାର ଅତିରିକ୍ତ ବୋଝର ଭାର ସରକାର ନିଜ ମୁଣ୍ଡରେ ମୁଣ୍ଡାଇଥିବାବେଳେ । କିଛି ଅସାଧୁ ଅଫିସର ଓ କିଛି ଅସାଧୁ ବ୍ୟବସାୟୀ ଅସବ ବାଟରେ ନିଜର ପକେଟ ଗରମ କରିବା ପାଇଁ ବିଜିନ୍ନ ଅସାଧୁ ବାଟ ଅବଲମ୍ବନ କରିଥାନ୍ତି । ଯେପରି ଭଦ୍ରକ ଜିଲାର ଧାମନଗର ବ୍ଲକ ସମେତ ସମସ୍ତ ବ୍ଲକମାନଙ୍କରେ ଥିବା ସବର ମହକୁମା ଓ ଗାଁଗହଳିରେ ଥିବା ବଜାର ମାନଙ୍କରେ ଥିବା ହୋଟେଲ, ରେଷ୍ଟୁରାଂଟ, ବିଜିନ୍ନ ମିଠା ଦୋକାନ, ଚା ଷ୍ଟଲ ଭଳି ବ୍ୟସାୟିକ ପ୍ରତିଷ୍ଠାନ ମାନଙ୍କରେ ଖୁଲମଖୁଲା ଦିନ ଦ୍ୱିପହରେ ବିନା ଦ୍ୱିଧାରେ ସାଧାରଣ ଲୋକଙ୍କ ପାଇଁ ବ୍ୟବହୃତ ହେବାକୁ ଥିବା ଘରୋଇ ଗ୍ୟାସ ସିଲିଣ୍ଡରକୁ ବିଜିନ୍ନ ଗ୍ୟାସ ଏଜେନ୍ସି ପ୍ରତ୍ୟେକ ଜିଲ୍ଲା ବଜାର ମାନଙ୍କରେ ନିଜେ ଗୋଟେ ଗୋଟେ ଏଜେନ୍ସି ତିଆରି କରି ନିର୍ଦ୍ଧାରିତ ଦାମ ଠାରୁ ୮୦ ରୁ ୧୦୦ଟଙ୍କା ଅଧିକ ଖଞ୍ଚି ଚଢ଼ା ଦରରେ ବିକ୍ରିକରି ଲାଭବାନ ହେଉଛନ୍ତି । ଯାହାଫଳରେ ଘରୋଇ ଉପଭୋକ୍ତାମାନେ ବହୁ ସମୟରେ ଏଜେନ୍ସିରୁ ଗ୍ୟାସ ନପାଲି ନିରାଶ ହେବା ସହିତ ଚଢ଼ା ଦରରେ ତାଙ୍କ ଦ୍ୱାରା ପରୋକ୍ଷରେ ତିଆରି ହୋଇଥିବା ସବ ଜିନିଷରେ ପାଖରୁ ଜିନିଷକୁ ବାଧ୍ୟ ହେଉଛନ୍ତି । ଯାହାଫଳରେ ସରକାରଙ୍କ ବିଜିନ୍ନ ଜନମଙ୍ଗଳ ଯୋଜନା ବାତାବଣ ହେଉଛି । ଏହି ବିଷୟରେ ଜିଲ୍ଲା ସହକାରୀ ଯୋଗାଣ ଅଧିକାରୀଙ୍କ ପାଖରେ ଚାରମ୍ବାର ଅଭିଯୋଗ ଜଣାଯାଉଥିଲେ ମଧ୍ୟ ଅସାଧୁ ବ୍ୟବସାୟୀଙ୍କ ଉପରେ ତତ୍ପାଳ କରିବା ତ ଦୂରର କଥା, ଏଥିପ୍ରତି କୌଣସି ଦୃଷ୍ଟି ଦେଉ ନାହାନ୍ତି । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଯୋଗାଣ ଅଧିକାରୀ ଓ ଜାଲେଣି ଗ୍ୟାସ ଏଜେନ୍ସି ମାଲିକଙ୍କ ମଧ୍ୟରେ ଥିବା ମଧୁ ଚନ୍ଦ୍ରିକା ପାଇଁ ସାଧାରଣ ଉପଭୋକ୍ତା ଚିଲର ମାନଙ୍କର ଶୋଷଣରେ ଶିକାର ହେବା ସହିତ ଚଢ଼ା ଦରରେ ଜିନିଷକୁ ବାଧ୍ୟ ହେଉଛନ୍ତି । ଅପରପକ୍ଷେ ବିଜିନ୍ନ ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କରେ କମରସିଆଲ ଜାଲେଣି ଗ୍ୟାସ କେଚି ପ୍ରତି ୯୯ ଟଙ୍କା ବଦଳରେ ଘରୋଇ ଜାଲେଣି ଗ୍ୟାସ ବୁଲରେ ୬୦ଟଙ୍କାରେ କିଣି ଲାଭବାନ ହେଉଛନ୍ତି । ଯାହାଫଳରେ ଜଣେ ସାଧାରଣ ଉପଭୋକ୍ତା ଏଜେନସିରେ ବୁଜି କରିବା ପରେ ମଧ୍ୟ ୨୦ଦିନରୁ ଅଧିକ ସମୟ ଲାଗୁଛୁବାରୁ ବାଧ୍ୟ ହୋଇ ଅଧିକ ଦାମ ଦେବା ସହିତ ବିଜିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏଥି ପ୍ରତି ଭଦ୍ରକ ଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଚାହିଁ ଜଣିଛନ୍ତି ।

ଶ୍ରୀଶ୍ରୀ ଗୋପୀନାଥ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ତୃତୀୟ ସନ୍ଧ୍ୟା

ଜଗତସିଂହପୁର, ୨୦/୨ (ଆ.ପ୍ର) : ଜଗତସିଂହପୁର ଜିଲ୍ଲାର ବାଲିକୁଦା ମଣ୍ଡଳର ସାହାତା ଗ୍ରାମରେ ଶ୍ରୀଶ୍ରୀ ଗୋପୀନାଥ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ତୃତୀୟ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଆଜି ତୃତୀୟ ସନ୍ଧ୍ୟାରେ ଡ ବଟ କିଶୋର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଶ୍ରୀଯୁକ୍ତ ସୁଧିର ସାହାଣୀ କହିଲେ ଯେ ଶ୍ରୀମଦ୍ ଭଗବତ୍ ଗୀତା ଓ ଭାଗବତ ପାଠ କଲେ ଜଣେ ସଦାଚାରୀ ଓ ଶିକ୍ଷାଚାରୀ ହୁଏ ଏବଂ ଭଗବତ୍ ମାର୍ଗରେ ଅଗ୍ରସର ହୁଏ । ବ୍ୟକ୍ତିତ୍ୱ ନିର୍ମାଣ ମାଧ୍ୟରେ ସମାଜରେ ପରିବର୍ତ୍ତନ ଆସେ । ଅନ୍ୟତମ ବକ୍ତା ଭାବରେ ଯୋଗଦେଇ ପଣ୍ଡିତ ହୃଷିକେଶ ସାହୁ ଭାଗବତରେ ବର୍ଣ୍ଣିତ ସାଂଖ୍ୟ ଦର୍ଶନ ଉପରେ ଆଲୋକପାତ କରିଥିଲେ । ସହବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଗବେଷକ ଡ ଅଭଲ ନାୟକ କହିଲେ ଯେ ମାଆଙ୍କ ନିବେଦନରେ ଲିଖିତ ଓଡିଆ ଭାଗବତର ସୁଷ୍ଠୁ ଅତିବତୀ ଜଗନ୍ନାଥଙ୍କ ଅବଦାନକୁ ବର୍ଣ୍ଣନା କରିବା ସହ ଧ୍ରୁବ ଓ ଜଟିଳ ମୁନୀ ଉପାଖ୍ୟାନକୁ ଉପସ୍ଥାପିତ କରିଥିଲେ । ଏହି ସଭାରେ ସ୍ୱାଗତ ଭାଷଣ ସହ ସଭାକୁ ସଂଚାଳିତ କରିଥିଲେ ବାଗ୍ମୀ ଶ୍ରୀ ପ୍ରଶାନ୍ତ ଶତପଥୀ । ସାତଦିନ ବ୍ୟାପୀ ପ୍ରତିଷ୍ଠା ମହୋତ୍ସବର ତୃତୀୟ ଦିବସରେ ଅଷ୍ଟପ୍ରହର ନାମ ଯଜ୍ଞର ସମାପନ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଚାଳନ କରାଯାଇ ଦୃଷ୍ଟି ତଥା ସଂପାଦକ ଶ୍ରୀ ହରେକୃଷ୍ଣ ରାୟ । ସହଯୋଗ କରିଥିଲେ ଜ୍ୟୋତିଃଚନ୍ଦନ ଓ ସୁଚିତ୍ରାଚନ୍ଦନ ରାୟ ।

ଗଜପତିରେ ସଂସ୍କୃତି ଭବନ ନିର୍ମାଣ କେବେ ?

ପାରଳାଖେମୁଣ୍ଡି, ୨୦/୨ (ଆ.ପ୍ର) :ବହୁଦିନ ହେଲା ପାରଳାଖେମୁଣ୍ଡିରେ ସଂସ୍କୃତି ଭବନ ନିର୍ମାଣ ପାଇଁ ଅନୁଦାନ ଆସି ପଡିଛି । ବର୍ତ୍ତମାନ ସୁଦ୍ଧା ତାର କାର୍ଯ୍ୟକାରିତା ସଂପର୍କରେ ଧାରଣା ଜନୁନାହିଁ ।ପାରଳାଖେମୁଣ୍ଡି ଠାରୁ ୩ କିମି ଦୂରରେ ଏହାର ନିର୍ମାଣ ସ୍ଥାନ ପ୍ରସ୍ତାବିତ ହୋଇଛି । ଏହା କେତେଦୂର ଯୁକ୍ତିଯୁକ୍ତ ତାହା ସନ୍ଦେହଜନକ ଅବସ୍ଥାରେ ରହିଛି । ପୁରାତନ ପରିଷ୍ଠା ମଠ ତଥା ରଜିକ ରାଜା ମଠ ଶତାବ୍ଦୀର ସ୍ମାରକୀ ହୋଇ ରହିଯାଇଛି ।ସେଠାରେ ଓଡିଶାର ପ୍ରଥମ ନାଟକ 'ଗୋପିନୀ ବଲ୍ଲଭ', 'ନବ ଲୀଳା ବିଳାସ', 'ଗୋଷ୍ଠ ମିଳନ' ପରି ୧୩ଟି ନାଟକ ଏହି ମଠରେ ଥିବା ପଦ୍ମନାଭ ଗଂଗାଲଘରେ ଅଭିନୀତ ହୋଇଥିଲା । ବର୍ତ୍ତମାନ ତାର ଭିତ୍ତିଭୂମି ଲୋପ ପାଇଯାଇଛି । କେବଳ କଳା, ସଂସ୍କୃତିର ଏହି ପାରଳା ମାଟି ଅବଶେଷ ଅବସ୍ଥାରେ ରହିଛି । ବହୁ ପୁରାତନ ସରକାରୀ କୋଠା ଓ ଅନ୍ୟାନ୍ୟ ଅନୁଷ୍ଠାନ ରହିଛି । ଯେଉଁଠି ସହର ଭିତରେ ସଂସ୍କୃତି ଭବନ ନିର୍ମାଣ ଅସମ୍ଭବ ନୁହେଁ । ଦୂର ଦୃଷ୍ଟି ଅଭାବରୁ ଜିଲ୍ଲା ପ୍ରଶାସନ ଓ ସହର ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ତାହା କାର୍ଯ୍ୟକାରୀ ହୋଇ ପାରୁନାହିଁ ।କଳା ସଂସ୍କୃତି ପ୍ରିୟ ଲକ୍ଷ ଅନୁଷ୍ଠାନର କଳାଭାର ଓ ବୁଦ୍ଧିଜୀବୀ ଗୁଡ଼ ନିର୍ମାଣ କରି ରାଜ

ଶୀର୍ଷଖବର
ଆରମ୍ଭ
SEITHO ARAMBHA
ଶନିବାର, ୨୧ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ରେଳବାଇ ବୋର୍ଡ଼ ବୈଠକରେ ବାଲେଶ୍ୱରର ଉନ୍ନୟନ କାର୍ଯ୍ୟ ଉପରେ ସାଂସଦ ଉଠାଇଲେ ଦାବି

ବାଲେଶ୍ୱର, ୨୦/୦୨ (ଆ.ପ୍ର) : ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ରେଳ ବାଟରେ ଏବଂ ଯାତ୍ରୀ ସୁବିଧା ସମ୍ବନ୍ଧୀୟ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ରେଲୱେ ବୋର୍ଡ଼ ବୈଠକରେ ଉପସ୍ଥାପନ କରାଯାଇଅଛି । ଏହି ସମସ୍ତ ବିଷୟରେ ସ୍ଥିତିଗତ ସୂଚନା ଓ ସମ୍ଭାବ୍ୟ କାର୍ଯ୍ୟଗତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ରଖାଯାଇଅଛି, ବାଲେଶ୍ୱର ମୁଖ୍ୟ ଷ୍ଟେସନ୍ ଭବନ ନିର୍ମାଣ କାର୍ଯ୍ୟର ବର୍ତମାନ ସ୍ଥିତି ଓ ସମ୍ପୂର୍ଣ୍ଣ ହେବାର ସମୟସୀମା ସୂଚିତ କରିବାକୁ ଦାବି ରଖୁଅଛି । ସାଧାରଣ ଲୋକେ ଏହା ଜେକେବେ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହେବ ଜାଣିବାକୁ ଆଗ୍ରହୀ, ବାଲେଶ୍ୱରରୁ ଗୁଜରାଟର ଆହମଦାବାଦ ଓ ମୁମ୍ବାଇ ପାଇଁ ସିଧାସଳଖ ଟ୍ରେନ୍ ସେବା ପାଇଁ ଦାବିସହିତ ଏଣି ଚାହିଦା ରହିଛି । ଏହି ମାର୍ଗଗୁଡ଼ିକ ଚାଣ୍ଡିଲି ପ୍ରଥା, ବ୍ୟବସାୟୀ, ଛାତ୍ରଛାତ୍ରୀ ଓ ପ୍ରବାସୀ କାମିଙ୍କଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ । ଏହା ସହିତ ନିମ୍ନଲିଖିତ ପ୍ରସ୍ତାବଗୁଡ଼ିକୁମଧ୍ୟ ବିଚାର କରାଯାଉ, (କ) ଭୁବନେଶ୍ୱର–ବାଲେଶ୍ୱର ମାର୍ଗରେ ରାୟପୁର ମାଧ୍ୟମରେ ମୁମ୍ବାଇ ପାଇଁ ଏକ ଟ୍ରେନ୍, (ଖ) ଗୁରୁଗ୍ରାମ ବାଲେଶ୍ୱର ମାଧ୍ୟମରେ ଗୁଜରାଟ ପାଇଁ ଏକ ଟ୍ରେନ୍, ଲକ୍ଷ କୋଷ୍ଠ ଏକ୍ସପ୍ରେସ୍ ଟ୍ରେନ୍ ବଣ୍ଡା ଏବଂ ରୂପସା ଷ୍ଟେସନ୍‌ରେ ରହଣି ପାଇଁ ଦାବି ରଖୁଅଛି । କେଲିନ୍–୧୯ ପୂର୍ବରୁ ଏହି ଦୁଇଟି ଟ୍ରେନ୍ ଏହି ଷ୍ଟେସନ୍?ପୁଡ଼ିକରେ ରହୁଥିଲା, ଯାହା ସ୍ଥାନୀୟ ଲୋକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଥିଲା । କିନ୍ତୁ କୋଭିଡ୍ ପରେ ଏହି ରହଣି ସମ୍ପୂର୍ଣ୍ଣ ଭାବେ ପୁନଃ କାର୍ଯ୍ୟକ୍ଷମ ହୋଇନାହିଁ । ତେଣୁ ବଣ୍ଡା ଏବଂ ରୂପସା ଷ୍ଟେସନ୍?ରେ ଦୁଇ ଦିଗରେ ଟ୍ରେନ୍ ରହଣିକୁ କାର୍ଯ୍ୟକ୍ଷମ କରିବାକୁ ଦାବି ରଖୁଅଛି, ବଦୁଆ ଷ୍ଟେସନ୍?ରେ ଗୋପାନାଥପୁର–ନୀଳଗିରି–ବାଲେଶ୍ୱର ଲୋକାଲ୍ ଟ୍ରେନ୍‌ର ରହଣି ପାଇଁ ସାଧାରଣ ଲୋକଙ୍କର ଭାରି ଚାହିଦା ରହିଛି । ଏହା ଦୈନିକ ଯାତ୍ରୀ, ବ୍ୟବସାୟୀ ଓ ଭଲ ଚିକିତ୍ସା ପାଇଁ ଯାତ୍ରା କରୁଥିବା ରୋଗୀମାନଙ୍କୁ ଉପଯୁକ୍ତ କରିବ, ନୂଆଗାଁ ମୟୂରଭଞ୍ଜ ରୋଡ଼ ରେଳ ଷ୍ଟେସନ୍‌ର ଉତର ପାର୍ଶ୍ୱରୁ ଜନକ୍ଷ ନଦୀ ପର୍ଯ୍ୟନ୍ତ ସ୍ଥାୟୀ କଂକ୍ରିଟ୍ ଫୁଟବ୍ରିଜ୍ ନିର୍ମାଣ ଅତ୍ୟନ୍ତ ଆବଶ୍ୟକ, ଯାହା ବର୍ଷା ଓ ବନ୍ୟାଜଳର ସୁଗମନ ସହିତ ପାର୍ଶ୍ୱବର୍ତ୍ତୀ କୃଷିଜାଙ୍କୁ ଅସୁବିଧାରୁ ରକ୍ଷା କରିବ, ଆପ୍ରୋଚ୍ ରୋଡ଼ର ବ୍ୟବସ୍ଥା ଉତର ପାର୍ଶ୍ୱରୁ ଧେନୁଖୋଳା – ହଣ୍ଡଗା ଜନ ଶତାବ୍ଦୀ ଟ୍ରେନ୍, ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ ରହଣି ପାଇଁ ଦାବି ରଖା ଯାଇଅଛି, ବଣ୍ଡା ରେଳ ଷ୍ଟେସନରେ ଗେଟ ନଂ ୬୦ ଓ ୬୧ରେ ଉଡ଼ଣା ପୋଲ ନିର୍ମାଣ ପାଇଁ ଦାବି ରଖୁଅଛି, ଜଳେଶ୍ୱର ଷ୍ଟେସନ ଠାରୁ ଚରେଣ୍ଟେଶ୍ୱର ଷ୍ଟେସନ ପର୍ଯ୍ୟନ୍ତ ରେଳ ଲାଇନ ସଂଯୋଗୀକରଣ କାର୍ଯ୍ୟ ପାଇଁ ସମୀକ୍ଷା କରିବା ସହ ଏହାକୁ ଶୀଘ୍ର ଆରମ୍ଭ କରିବା ପାଇଁ ଦାବି ରଖୁଅଛି, ଜଳେଶ୍ୱର, ରୁଗ୍ମା,ବଣ୍ଡା, ବେରନଟୀ, ଖଣ୍ଡାପଡ଼ା, ହଳଦୀପଦା, ଟିକିରାପାଡ଼, ସୋର,ବଗୁଣ ସିଂ , ପଣ୍ଡପଣା, ବାହାନାଗା ଇତ୍ୟାଦି ଷ୍ଟେସନର ବିକାଶ ଏବଂ ଆଧୁନିକୀକରଣ କାର୍ଯ୍ୟ ପାଇଁ ଦାବି ରଖୁଅଛି, ଭାଷୁଗୁଡ଼ – ରୁଗ୍ମା ମେମୁ ଯାତ୍ରା କରୋନା ପୂର୍ବରୁ ପ୍ରତିଦିନ ସଜାଳରେ ଚାଲୁଥିଲା ତାହା ଏବେ ବନ୍ଦ ଅଛି । ଏହାକୁ ଶୀଘ୍ର ପୁଣି ଆରମ୍ଭରେ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ରଖୁଅଛି । ଏହିପରି ବାଲେଶ୍ୱରର ଅନେକ ଛୋଟ ବଡ଼ ଆରମ୍ଭିତ ଗୁମ୍ବା ଓଲଟ ବ୍ରିଜ୍‌ର, ଅଷ୍ଟର ପାସ ସର୍ଭିସ ରୋଡ଼ର ନିର୍ମାଣ ପାଇଁ ଦେଇସାରା ପୂର୍ବ ପ୍ରସ୍ତାବ ରୁଟିକୁ ତୁରନ୍ତ କାମ ଆରମ୍ଭ ପାଇଁ ଦାବି ରଖୁଛନ୍ତି ।

ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ହେବ ସୁଭଦ୍ରା ଶକ୍ତି ମେଳା
ଗ୍ରାମୀଣ ଉତ୍ପାଦକ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ହେବ ବୃହତ୍ ବଜାର ମଂଚ

ବାଲେଶ୍ୱର, ୨୦/୦୨ (ଆ.ପ୍ର) : ମିଶନ ଶକ୍ତି ବିଭାଗ ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନଙ୍କ ଯୁଗ୍ମ ପ୍ରୟାସରେ ସୁଭଦ୍ରା ଶକ୍ତି ମେଳା–୨୦୨୬ ଆୟୋଜିତ ହେଉଥିବା ବିଷୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଆହୁତ ଏକ ଶାମିଆନା ସଜ୍ଜିନାମରେ କୁହାଯାଇଛି । ଏହି ମେଳା ଗ୍ରାମୀଣ ଉତ୍ପାଦକ, କାରିଗର, ସ୍ୱୟଂସହାୟକ ଗୋଷ୍ଠୀ ଓ ପ୍ରଯୋଜକ ଗୋଷ୍ଠୀମାନଙ୍କୁ ତାଙ୍କ ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ ପାଇଁ ବୃହତ୍ ବଜାର ସୁଯୋଗ ଯୋଗାଇବ । ଏହା ମାଧ୍ୟମରେ ଗ୍ରାମୀଣ ଉତ୍ପାଦକମାନେ ସହରୀ ଗ୍ରାହକଙ୍କ ରୁଚି ଓ ପସନ୍ଦ ବିଷୟରେ ଅବଗତ ହୋଇ ଉତ୍ପାଦର ଗୁଣବତ୍ତା, ଡିଜାଇନ୍ ଓ ପ୍ୟାକେଜିଙ୍ଗରେ ଉନ୍ନତି କରିପାରିବେ । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ଏହି ମେଳା ୨୨ ଫେବୃଆରୀରୁ ୨୮ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହେବ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତ ସରକାରଙ୍କ ବିଜିନ୍ସ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମେଳାକୁ ଆକର୍ଷଣୀୟ କରିବେ । ଫୋରକୋଟ, ଟ୍ରାଇବାଲ୍ ଭ୍ୟୁଏଲରୀ, ଡୋଲ୍ କାଣ୍ଡିଂ, କପାସ ହସ୍ତତନ୍ତ ଉତ୍ପାଦ, ହେନ୍ଦ୍ରୁରୀ ଫୁଲ ବଡ଼ି, ଶୁଖିଲା ମାଛ, ମସଲା ଓ ଓଡ଼ିଶାର ବନଜାତ ଉତ୍ପାଦ ମେଳାରେ ଉପଲବ୍ଧ ହେବ । ଜିଲ୍ଲା ସ୍ତରରେ ୬ଟି ବଜେଟ୍ ଓ ୨ଟି ଅଣବଜେଟ୍ ଶ୍ରେଣୀରେ ପ୍ରତ୍ୟେକରେ ୩ଟି କରି ପୁରସ୍କାର ଦିଆଯିବ । ବଜେଟ୍ ଶ୍ରେଣୀରେ ସର୍ବଶ୍ରେଷ୍ଠ କୃଷି ଓ ଅଣକୃଷି ଉତ୍ପାଦ, ସର୍ବଶ୍ରେଷ୍ଠ ପ୍ୟାକେଜିଙ୍ଗ ଓ ପ୍ରଦର୍ଶନ, ସର୍ବଶ୍ରେଷ୍ଠ ଗ୍ରାହକ ବ୍ୟବହାର, ଏସଏଚଜି ଉତ୍ପାଦରେ ନବୀନତା ଓ ସର୍ବଶ୍ରେଷ୍ଠ ଷ୍ଟଲ୍ ପୁରସ୍କୃତ ହେବ । ଅଣବଜେଟ୍ ଶ୍ରେଣୀରେ ଏସଏଚଜି ଜେଡ଼ିଟ୍ ଲିଙ୍କେଜରେ ସର୍ବଶ୍ରେଷ୍ଠ ବ୍ୟାଙ୍କ ଓ ବ୍ଲକ୍, ଏବଂ ନିକ୍ଷୟରେ ଡିଜି, ସ୍ୱଦେଶୀ ସଂକଳ୍ପ ଅଭିଯାନ ଓ ବ୍ୟକ୍ତିଗତ ଉଦ୍ୟମୀ ସୃଷ୍ଟିରେ ସର୍ବଶ୍ରେଷ୍ଠ ବ୍ଲକ୍ ଚୟନ କରାଯାଇ ପୁରସ୍କୃତ କରାଯିବ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଉତରେ, ଡିଏସପିଭ୍ୟୁଏଲ୍ ଲ୍ୟୋହାରାଣୀ ମହାନ୍ତି, ଡେପୁଟି ସିଇଓ, ଅନନ୍ତାସ ଶାଣ୍ଡକୁ ବାନାର୍ଜୀ ଓ ଡିପିସି, ମିଶନ ଶକ୍ତି କାର୍ଯ୍ୟକ୍ରମ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନ ଆଶାପୋଷଣ କରିଛନ୍ତି ଯେ ସୁଭଦ୍ରା ଶକ୍ତି ମେଳା–୨୦୨୬ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହ ମହିଳା ସଶକ୍ତିକରଣ ଓ ସ୍ୱଦେଶୀ ଉତ୍ପାଦ ପ୍ରଚାରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପ୍ରମାଣିତ ହେବ ।

ନୂଆ ନଗର ବିଜେଡି ସଭାପତି ନିଯୁକ୍ତି ପାଇଲେ ଅଚ୍ୟୁତ ଚରଣ ପ୍ରଧାନ

ନୀଳଗିରି, ୨୦/୦୨ (ଆ.ପ୍ର) : ରାଜ୍ୟ ବିଜେଡ଼ି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜିନ୍ସ ଜିଲ୍ଲାର ରାଜନୈତିକ ନିଯୁକ୍ତିକୁ ସ୍ଥିର କରିଛନ୍ତି । ଏହି କ୍ରମରେ ବାଲେଶ୍ୱର ଜିଲ୍ଲାର ବଳୀୟ କ୍ଷେତ୍ରରେ ଅନେକ ପରିବର୍ତ୍ତନ ହେବା ସହିତ ଏଥିରେ ଯୁବ ବର୍ଗଙ୍କୁ ପ୍ରାଧାନ୍ୟ ଦିଆ ଯାଇଛି । ସେହି କ୍ରମରେ ନୀଳଗିରି ଏନ୍.ଏ.ସି (ନଗର) ସଭାପତି ଭାବେ ନିଯୁକ୍ତି ପାଇଛନ୍ତି ଭଲ ଶିକ୍ଷିତ ଦଳ ପାଇଁ ସମ୍ପତ୍ତି ଯୁବ ବ୍ୟକ୍ତିତ୍ୱ ବରିଷାହିର ଅଚ୍ୟୁତ ଚରଣ ପ୍ରଧାନ । ନୂତନ ନିଯୁକ୍ତି ପରେ ତାଙ୍କୁ ତାଙ୍କ ନିଯୁକ୍ତି ସମ୍ପର୍କରେ ପଚାରିବାରୁ ସେ କହିଥିଲେ, ନୀଳଗିରିର ପୂର୍ବତନ ବିଧାୟକ ଜାଗିନିୟର ବୁଜାଗ କୁମାର ନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ବିଜେଡ଼ି ସୁପ୍ରିମୋ ତାଙ୍କୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ଯାହାକୁ ସେ ଅତ୍ୟନ୍ତ ଶ୍ରଦ୍ଧାର ସହ ଗ୍ରହଣ କରିବା ସହିତ ଆଗାମୀ ଦିନରେ ନୀଳଗିରି ଏନ୍.ଏ.ସି.ର ୧୩ ଟି ୱାର୍ଡ ମଧ୍ୟରେ ବିଜେଡ଼ିକୁ ଦୃଢ଼ ମୂଳଗତରୁ ଶୃଙ୍ଖଳିତ ଓ ସୁସଂଗଠିତ କରିବେ ବୋଲି କହିଛନ୍ତି । ବିଜେଡ଼ି ସଂଗଠନ କାର୍ଯ୍ୟାଳୟ ସମୟରେ ଭଲ ଏଜେଣ୍ଡାର ଅନେକ ସମସ୍ୟା ଦୂରୀଭୂତ କରିବାକୁ ସେ ବିଧାୟକଙ୍କ ସହିତ କାର୍ଯ୍ୟ କରିଥିଲେ । ସେଥିରୁ କିଛି ସମ୍ପୂର୍ଣ୍ଣ ହୋଇଛି ଆଉ କିଛି କାଜ ରହି ଯାଇଛି । ଏବେବେ ସରକାର ନାହିଁ । ତେବେ ଏନ୍.ଏ.ସି.ର ୩ଟି ୱାର୍ଡ ଗୁଡ଼ିକର ଜନ ସାଧାରଣଙ୍କ ସମସ୍ୟା ଦୂରୀଭୂତ କରିବା ପାଇଁ ସଂଗଠିତ ଭାବେ ସେ ଦଳ ସହିତ କାର୍ଯ୍ୟ କରିବେ ବୋଲି ଦୃଢ଼ ପ୍ରତିଜ୍ଞା ବୋଲି କହିଥିଲେ । ତତ୍ ସହିତ ଆଗାମୀ ଦିନରେ ନୀଳଗିରି ଏନ୍.ଏ ସିକୁ ମୁନିସିପାଲଟି କରିବା ଦିଗରେ ପରବେଶ ଗ୍ରହଣ କରିବା ସହିତ ତାଙ୍କର ନୂଆ ନିଯୁକ୍ତି ପାଇଁ ପୂର୍ବତନ ବିଧାୟକ ଜାଗିନିୟର ଶ୍ରୀ ନାୟକ ତଥା ନୀଳଗିରିର ବରିଷ୍ଠ ବିଜେଡ଼ି ନେତା ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ବିଶେଷ କରି ବିଜୁ ବାବୁଙ୍କ ଦୃଢ଼ ବ୍ୟକ୍ତିତ୍ୱ ଓ ନବୀନ ପଟ୍ଟନାୟକଙ୍କ ଗାଳନୈତିକ କାର୍ଯ୍ୟଧାରା ତାଙ୍କୁ ବିଶେଷ ଭାବେ ପ୍ରଭାବିତ କରି ଥିବାରୁ ଉକ୍ତ ନିଯୁକ୍ତି ପାଇଁ ସେ ତାଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି ।

ବାଲେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ନବ ନିଯୁକ୍ତ କର୍ମକର୍ତ୍ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା, ଜନସମ୍ପର୍କକୁ ପ୍ରାଥମିକତା ଦେବାକୁ ଜିଲ୍ଲା ସଭାପତିଙ୍କ ଆହ୍ୱାନ

ବାଲେଶ୍ୱର, ୨୦/୦୨ (ଆ.ପ୍ର) : ବାଲେଶ୍ୱର ସଦର ବିଧାନସଭା କ୍ଷେତ୍ର ପାଇଁ ପିସିସି ସଭାପତି ମନୋନୀତ କରିଥିବା ନୂତନ କର୍ମକର୍ତ୍ତା ମାନଙ୍କୁ ଶୁକ୍ରବାର ମଧ୍ୟାହ୍ନରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ରେ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସର ରେ ଯୁବ କଂଗ୍ରେସ ଜିଲ୍ଲା ସଭାପତି ଜଂ. ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ସତ୍ୟ ଶିବ ଦାସ ନବାଗତଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ପ୍ରଥମେ ସଂଗଠନ ଓ କୋଳ ସ୍ତରୀୟ କମିଟି ଗଠନ ଓ ବୁଥ ସ୍ତରୀୟ କମିଟି ଗଠନ କାର୍ଯ୍ୟ ସମାପନ କରିବାକୁ ପରାମର୍ଶ ଦେଇଥିଲେ । ଦଳର କର୍ମକର୍ତ୍ତା ମାନେ ଜନ ସମ୍ପର୍କ ବୃଦ୍ଧି କରିବା ପରେ ଅନ୍ୟମାନ ପ୍ରସଙ୍ଗ ଉପରେ ଆଲୋଳପାତ କରାଯିବ ବୋଲି ସୂଚନା ଦେଇଥିଲେ । ଅର୍ଥ ଠାରୁ ସମ୍ପର୍କ ବଢ଼ ବୋଲି ଦର୍ଶାଇ ଅତୀତ ରେ ଯାହା କିଛି ଘଟିଯାଇଛି ତାକୁ ଭୁଲି ଦଳର ସଂଗଠନ ଓ କର୍ମୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ହେଲେ ଆଗେ ସରୋଜ କେଳେଙ୍କ ନେତୃତ୍ୱ ରେ ଡ୍ରିଷ୍ଟରୀୟ ସଂଗଠନ ନିର୍ବାଚନରେ ବିରୋଧୀଙ୍କୁ ନିଶ୍ଚିତ ଭାବେ ବଜା ମୁକାବିଲା କରି ସଫଳ ହେବୁ ବୋଲି ଉଲ୍ଲେଖ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନ ଜିଲ୍ଲା ସଭାପତି ସଂଜୀବ ଗିରି, ବରିଷ୍ଠ କାଜନସିଲର ପଦ୍ମଲୋଚନ ଲେଙ୍କା, ଜିଲ୍ଲା ଉପସଭାପତି ଗୋପାନାଥ ପାତ୍ରୀ, ସଦର ବ୍ଲକ ସଭାପତି ଜୟ କୃଷ୍ଣ ବେହେରା, ସୁଶ୍ରୀ ଅଞ୍ଜନା ନନ୍ଦୀ, ଯୁବନେତା ତଥା ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା ଓ ଜୋଷ୍ନା ସେନାପତି ପ୍ରମୁଖ ଉଦବୋଧନ ଦେଇ ସଂଗଠନ କୁ ଅଧିକ ଶକ୍ତିଶାଳୀ କରିବାର ଫର୍ମୁଲା ଉପରେ ଗୁରୁ ମତ ଦେଇଥିଲେ । ଏହି ଅବସରରେ ଉପସଭାପତି ସରୋଜ ଲେଙ୍କା,ସାଧାରଣ ସମ୍ପାଦକ ଶ୍ରୀକାନ୍ତ ବୁଡ଼ୁଭାଇ, ଟାଉନ ସଭାପତି ଅନୁପ କୁମାର ସ୍ୱାଇଁ, ସମ୍ପାଦକ ଶେଖ ନିଜାମ,ସମ୍ପାଦକ ଜେଷ୍ଟ ଚନ୍ଦ୍ର ନାୟକ ଗୁରୁ ପ୍ରସନ୍ନ ମିଶ୍ର, ସହ ସମ୍ପାଦକ ସାହିତ୍ୟ ଅଖତାର, ମନୋରଞ୍ଜନ ନାୟକ, ଜ୍ଞାନେନ୍ଦ୍ର ମହାନ୍ତି, ସହ ସମ୍ପାଦକ ପ୍ରଭାତ କୁମାର ପଣ୍ଡା ପ୍ରମୁଖଙ୍କୁ ପୁଷ୍ପ ଗୁଚ୍ଛ ଓ ଜଡଜୀବ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାଙ୍କ ସହ ଅଭିଯାତ୍ରୀଙ୍କୁ ସିଭିଲ୍ ସୋସାଇଟି ପକ୍ଷରୁ ବାଲେଶ୍ୱରରେ ସମ୍ବର୍ଦ୍ଧନା ଆସନ୍ତା ୨୬ରେ

ବାଲେଶ୍ୱର, ୨୦/୦୨ (ଆ.ପ୍ର) : ଆମ ରାଜ୍ୟର ଖଣି, ପାଣି, ଜମି, ଜଙ୍ଗଲ, ପାହାଡ଼ ଓ ଲଘୁ ଖଣିଜ ସମ୍ପଦ ପ୍ରଭୃତି ବିକ୍ରି ଓ ଲୁଟ୍ ହୋଇଚାଲିଛି । ଅନେକ ନଦୀ, ଝରଣାର ଜଳସ୍ରୋତ ବନ୍ଦ ହୋଇଗଲାଣି । ଜଙ୍ଗଲି ଜୀବଜନ୍ତୁ ଜନବସତିଗୁଡ଼ିକ ହେଉଛନ୍ତି । ଯଦ୍ୱାରା ପରିବେଶ ଓ ଜନଜୀବନ ବିପଦ ମଧ୍ୟକୁ ଠେଲି ହୋଇଯାଉଛି । ପ୍ରାକୃତିକ ବିପଦ ମାଡ଼ିଆସୁଛି । ଏହାର ସୁରକ୍ଷା ପାଇଁ ବରିଷ୍ଠ ଓ ବିଶିଷ୍ଟ ପରିବେଶବିତ୍ ତଥା ମେଗାସିଟି ଆଖଡ଼ିଡ଼ି ପ୍ରଫୁଲ୍ଲ ସାମନ୍ତରା ଓ ତାଙ୍କର ସାଥୀମାନେ ଆରମ୍ଭ କରିଥିବା ଜନ ସଚେତନତା ଯାତ୍ରା ଆସନ୍ତା ୨୬ ତାରିଖ ଗୁରୁବାର ଦିନ ବାଲେଶ୍ୱରରେ ପହଞ୍ଚିବେ । ଏହି ଅଭିଯାତ୍ରୀ ଦଳକୁ ବାଲେଶ୍ୱର ସହରରେ ଲାଭ୍ୟ ସଂବର୍ଦ୍ଧନା ପାଇଁ ବାଲେଶ୍ୱର ସିଭିଲ୍ ସୋସାଇଟିର ଏକ ଜରୁରୀ ବୈଠକ ଉଠାଜନସେବନ କର୍ମଚାରୀ ସଂଘ ଗୃହରେ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ସିଭିଲ୍ ସୋସାଇଟିର ଏହି ବୈଠକରେ ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ସଂପାଦକ ମନୋଜ ନାୟକ ଓ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ସମସ୍ତ ଓଡ଼ିଶା ପରିକ୍ରମାରେ ବାହାରିଥିବା ଅଭିଯାତ୍ରୀମାନଙ୍କୁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ବୈଠକରେ ଉପସ୍ଥାପିତ କରିଥିଲେ । ତେଣୁ ଆସନ୍ତା ୨୬ ତାରିଖ ଦିନ ୧୦ଟାରେ ସ୍ଥାନୀୟ ବାଲେଶ୍ୱର କୁଳ ସଭାସ୍ଥଳରେ ପ୍ରାକୃତିକ ପରିବେଶ ଓ ଜନଜୀବନର ସୁରକ୍ଷା ପାଇଁ ଜନ ସଚେତନତା ଯାତ୍ରା କରୁଥିବା ଅଭିଯାତ୍ରୀମାନଙ୍କୁ ଏକ ସାଧାରଣ ସଭାରେ ଅଭ୍ୟର୍ଥନା ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି । ସଭାସ୍ଥଳରେ ପହଞ୍ଚିବା ପୂର୍ବରୁ ଅଭିଯାତ୍ରୀମାନେ ବ୍ୟାସବଳି ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏହି ସଭାରେ ବିଜିନ୍ସ ସାମାଜିକ, ସାଂସ୍କୃତିକ, ଗଣ ସଂଗଠନ ଓ ବୁଦ୍ଧି ଜୀବୀ ଯୋଗଦେବାକୁ ସୋସାଇଟି ପକ୍ଷରୁ ନିବେଦନ କରାଯାଇଛି । ବୈଠକରେ ଆଇନଜୀବୀ ସାହିରୁଲ୍ ହକ୍, ଡ. କ୍ଷିତିଶ୍ୱର ଦାଶ, ପ୍ରତିମା ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ, ଜ୍ଞାନାଜନ୍ମ ମିଶ୍ର, କିଷ୍ଣୁ ପ୍ରସାଦ ମାହାନ୍ତି, ସେଖ ସଫିକ୍ ମହମ୍ମଦ, ଜ୍ୟୋତ୍ସ୍ନା ସେନାପତି, ରୋଜି ପଟ୍ଟନାୟକ, ସରସ୍ୱତୀ ପଣ୍ଡା, ମମତା ଦାସ, ଭରତ ଚନ୍ଦ୍ର ସେଠୀ, ବିଜୟ କୁମାର ବେହେରା, ପ୍ରୟୁଷୋତ୍ତମ ବେହେରା, ବନ୍ଦନା ବିଶ୍ୱାସ, ହେମଲତା ଦାସ, ବାସନ୍ତୀ ମିଶ୍ର ଓ ଜତିନ୍ ପାଢ଼ି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶ୍ୟାମ ସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ ।

'ମନା'ର ଦଶମ ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୨୦/୦୨ (ଆ.ପ୍ର) : ମିଳିତ ନିଶା ନିବାରଣ ଅଭିଯାନ (ମନା) ବାଲେଶ୍ୱରର ମାସିକ ବୈଠକ ଶୁକ୍ରବାର ଜେଳିଆବାଗସ୍ଥିତ ଅଫିସ ଗୃହରେ ଅନୁଷ୍ଠିତ ହୋଇଯାଇଛି । ପ୍ରଭାରୀ ସାହୁଲ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଧାରଣ ସମ୍ପାଦିକା ମମତା ମହାପାତ୍ର ଗତମାସର ବିବରଣୀ ପାଠ କରିଥିଲେ । ସୋର କୁଳର ସିଙ୍ଗାଖୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ବନ୍ଧବାହି ଗ୍ରାମରେ ମଦ୍ୟପାନଜନିତ ମୃତ୍ୟୁ ସମସ୍ୟାର ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଆବଶ୍ୟକାଳି ଅପରାହ୍ନରେ ଉପଦେଷ୍ଟା ସୁଭ୍ରତ କରଙ୍କ ନେତୃତ୍ୱରେ 'ମନା'ର କର୍ମକର୍ତ୍ତାମାନେ ସାକ୍ଷାତ କରି ଆଲୋ

ସମ୍ପାଦକ
ଆରମ୍ଭ
SEITHO ARAMBHA
ଶନିବାର, ୨୧ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ବିପଦଯୁକ୍ତ କ'ଣ

ବାହନଟା ଖାଲି କିଣିଦେଲେ ଚଳିବ ନାହିଁ । ତାକୁ ସେହି ଅନୁସାରେ ମେନେ କରିବା ପାଇଁ ପଡ଼ିବ । କୌଣସି ବି ପଦାର୍ଥ ହେଉ କି ବସ୍ତୁ, ସବୁଠାରୁ ବଡ଼ କଥା ହେଲା, ତା'ର ସୁପରିଚାଳନା ଯାହାକୁ ଅତି ଗୁରୁତର ସହ ପରିଚାଳନା କରିବା ଅତ୍ୟନ୍ତ ଆବଶ୍ୟକ । ସେହି ଅନୁସାରେ ସେ ଫଳ ଦି ପ୍ରଦାନ କରେ । ଯଦି ତା'ର ସେପରି କୌଣସି ଯତ୍ନ ନିଆନଯାଏ କି ସେପରି ତା' ପ୍ରତି କୌଣସି ଗୁରୁତ୍ୱ ଦିଆନଯାଏ, ତେବେ ତା'ର ଗୁରୁତ୍ୱ କି କମ୍ ହୋଇଯାଏ । ସେଭଳି ସ୍ଥିତି ଲାଗିରହିଲେ ପରବର୍ତ୍ତୀ ସମୟରେ ସେହି ବସ୍ତୁ ବା ପଦାର୍ଥକୁ ନେଇ କିଛି ନା କିଛି ସମସ୍ୟା ଦେଖାଦିଏ । ସମସ୍ୟା ତେବେ ବେଳେ ଅତି ଗମ୍ଭୀର ହୋଇଯାଏ । ପରିସ୍ଥିତି ଏପରି ଦିଗିହିଁଯାଏ, ଯାହା ଜୀବନ ପ୍ରତି ଘାତକ ସାବ୍ୟସ୍ତ ହୋଇଥାଏ । ଏଭଳିସ୍ଥିତି ବଡ଼ ସମସ୍ୟାଆଣ କ'ଣ ହୋଇପାରେ । ଏହାପାଇଁ ବଡ଼ ବିପଦ ଆଉ କ'ଣ ହୋଇପାରେ । ଯଦି ସେପରି ହୁଏ ତେବେ ତାକୁ କିଭଳି ବିଚାର କୁହାଯାଇପାରିବ । କୌଣସି ବିପଦଯୁକ୍ତ କ'ଣ କେବେ କାହାପାଇଁ କିମ୍ବା କାହାର ବିଚାର ହୋଇପାରେ । କେବେ ବି ନୁହେଁ । ସେଇଭଳି କ୍ଷେତ୍ରରେ ସେହି ବିଚାରକୁ ତୁରନ୍ତ ହଟାଇବାର ପ୍ରୟାସ କରାଯାଇପାରେ କିମ୍ବା ସେହି ବିଚାରର ଆଉ କିଛି ବିଚାରର ସନ୍ଧାନ ନିଆଯାଇପାରେ ହେଲେ କୌଣସି ବି କ୍ଷେତ୍ରରେ ସୁରକ୍ଷା ପ୍ରସଙ୍ଗ ଆସିଲେ କୌଣସି ପ୍ରକାର ବୁଝାମଣା କରାଯାଇନପାରେ । ଏହା ସବୁବେଳେ ଧ୍ୟାନ ଭିତରେ ରହିବା ଉଚିତ୍ । ଯଦି କୌଣସି ଜାଗାରୁ ଏହି ପ୍ରସଙ୍ଗର ଗୁରୁତ୍ୱ କମ୍ ହୋଇଯାଏ କିମ୍ବା ସେହି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆନଯାଏ ତେବେ ଆଗାମୀ ସମୟରେ ସେଥିନେଇ ବିପଦର ସମ୍ଭାବନା ସୃଷ୍ଟି ହେବା ନିଶ୍ଚିତ ଯାହା ପ୍ରତି ଆଜିଠୁରୁ ସତର୍କ ରହିବା ଜରୁରୀ ଅନ୍ୟଥା ଇ ଭେଇକିଲ୍ ଭଳି ସମସ୍ୟା ସୃଷ୍ଟି ହେବ । ଏତେ ଇ ଭେଇକିଲ୍‌ର ଚିମାଣ୍ଡ ଦିନକୁ ଦିନ ବଢ଼ିବାରେ ଲାଗିଛି ।ଦେଶାରେ ପେଟ୍ରୋଲ୍ , ଡିଜେଲ ଯେଉଁଭାବେ ବଢ଼ିବାରେ ଲାଗିଛି, ତା'ର ବିକଳ୍ପ ଭାବେ ଇ ଭେଇକିଲ୍ ଏବେ ବିଶ୍ୱ ପାଇଁ ବିକଳ୍ପ ଭାବେ ଉଭା ହୋଇଛି । ହେଲେ ସେହି ଭେଇକିଲ୍‌ରେ ଅନେକ ତ୍ରୁଟି ପରିଲକ୍ଷିତ ହେଉଛି । ସେହି ଭେଇକିଲ୍‌ରେ ଯେଉଁଭଳି ଭାବେ ତ୍ରୁଟି ପରିଲକ୍ଷିତ ହେଉଛି ତାହା ଜୀବନ ପ୍ରତି ଘାତକ ସାବ୍ୟସ୍ତ ହେଉଛି । କେବେ କେବେ ଗାଡ଼ି ଜଳିଯାଉଛି ତ ଆଉ କେବେ ବାଟ ଅଧରେ ଅଟକି ଯାଉଛି ଗାଡ଼ି । ଏଭଳି ତ୍ରୁଟିରେ କ'ଣ କରାଯାଇପାରେ । ଗାଡ଼ି ଛାଡ଼ି ଡ୍ରାଇଭର କ'ଣ ଫେରାର ହୋଇପାରେ କି । ନା କେବେ ନୁହେଁ ! ବାଟରେ କେହି କେବେ ତା'ର ଗାଡ଼ିକୁ ଛାଡ଼ିଯିବା ସମ୍ଭବ ନୁହେଁ । ଗାଡ଼ିଟା ଯଦି ଖରାପ ହୋଇଯାଏ ତେବେ ଜଣେ ସେହି ଗାଡ଼ିକୁ ବାଟରେ ଛାଡ଼ିଯିବା ହୁଏତ ସମ୍ଭବ ହୋଇପାରେ ହେଲେ ଗାଡ଼ିଟା ଯଦି ପୁରାପୁରି ଜଳିଯାଏ ତେବେ କ'ଣ କରାଯାଇପାରେ । ଗାଡ଼ି ଛାଡ଼ି ଯେ କେହି ବି ଦୌଡ଼ି ପଳାଇବେ କାରଣ ସେହି ଗାଡ଼ି ପାଇଁ କୌଣସି ସମୟରେ ଜଳିଯାଇପାରେ ତେବେ ସେହି ଗାଡ଼ିକୁ ଛାଡ଼ି ପଳାଇବା କାର୍ଯ୍ୟଟାମୂଳକ ହୋଇଯିବ । କାରଣ ସେପରି ନ କଲେ ସେହି ଗାଡ଼ିରେ ପଡ଼ି ଚାଳକ ବି ମରିଯାଇପାରେ ଯାହାଦ୍ୱାରା ସେ ଲୋକର ପରିବାର ତ କ୍ଷତିଗ୍ରସ୍ତ ହେବ ନିଶ୍ଚୟ । ତା' ସହ ସେହି କମ୍ପାନୀ ବି ସର୍ବାଧିକ କ୍ଷତିଗ୍ରସ୍ତ ହେବ ଯାହାର ଭରଣା ଆଜ କେବେ ବି ସମ୍ଭବ ହୋଇନପାରେ । ତେବେ ଏଠାରେ ସବୁଠାରୁ ବଡ଼ ପ୍ରଶ୍ନ ହେଲା ଯଦି ଇ ଭେଇକିଲ୍‌ରେ ଏଭଳି ଗାଡ଼ୀର ସଂଖ୍ୟା ରହିଛି ତେବେ ତାକୁ ବଜାରରେ ଲଞ୍ଚ କରାଗଲା କାହିଁକି । ଗ୍ଲୋବୋଫିଆନ୍ ସାଇଟ୍ସ ଆରମ୍ଭ ହୋଇ ଏବେ ପୁରା ବିଶ୍ୱରେ ବେଶ୍ ପରିଚିତି ହାସଲ କରିପାରିଥିବା ଏଭଳି ଇଲେକ୍ଟ୍ରିକ୍ ସ୍ମୁଟର୍ ରାସ୍ତାରେ ଗାଲାବେଳେ ହଠାତ୍ କେବେ କେବେ ଜଳିଯାଉଛି । କାରଣ ନେଇ ଭାରତ ବଜାରକୁ ଛାଡ଼ୁଥିବା କେତେକ କମ୍ପାନୀ ସେହି ଇଲେକ୍ଟ୍ରିକ୍ ଭେଇକିଲ୍ ଲଗରେ ତାଙ୍କର ମତାମତ ଅବଶ୍ୟପ୍ରକାଶ କରିଥିଲେ । କେତେକେଙ୍କ ମତରେ ସେହି ଭେଇକିଲ୍‌ରେ ବ୍ୟବହୃତ ହେଉଥିବା ବ୍ୟାଟେରୀକୁ ଦୁର୍ବଳ ବୋଲି ମତ ଦେଉଥିଲା ବେଳେ ଆଉ କେତେକ ବ୍ୟାଟେରୀର ଲାଫିକିଲିଟୀ ଉପରେ ସନ୍ଦେହ ପ୍ରକଟ କରିଥିଲେ । ତେବେ ଇଲେକଟ୍ରିକ୍ ସ୍ମୁଟର ଅନ୍ୟାନ୍ୟ ତ୍ରୁଟି କୋଣସୁ ବିଚାରକୁ ନିଆଯାଉଛି । ଗ୍ଲୁରୋଫିଆନ୍ ସାଇଟ୍ସ ଆରମ୍ଭ ହୋଇ ଏବେ ପୁରା ବିଶ୍ୱରେ ବେଶ୍ ପରିଚିତି ହାସଲ କରିପାରିଥିବା ଏଭଳି ଇଲେକ୍ଟ୍ରିକ୍ ସ୍ମୁଟର୍ ରାସ୍ତାରେ ଗାଲାବେଳେ ହଠାତ୍ କେବେ କେବେ ଜଳିଯାଉଛି । କାରଣ ନେଇ ଭାରତ ବଜାରକୁ ଛାଡ଼ୁଥିବା କେତେକ କମ୍ପାନୀ ସେହି ଇଲେକ୍ଟ୍ରିକ୍ ଭେଇକିଲ୍ ଲଗରେ ତାଙ୍କର ମତାମତ ଅବଶ୍ୟପ୍ରକାଶ କରିଥିଲେ । କେତେକ

ଦୈନିକ
ଆରମ୍ଭ
SEITHO ARAMBHA

ଶନିବାର, ୨୧ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ନୂଆପଡ଼ା ଗଠନ ପାଇଁ ରାହାଗିରି କାର୍ଯ୍ୟକ୍ରମ ଅନୁଷ୍ଠିତ

ଜନ ସାଧାରଣଙ୍କ ସହଯୋଗିତା ଓ ସହଭାଗିତାରେ ଆମେ ଲକ୍ଷ୍ୟ ହାସଲ ସହିତ ନୂତନ ରେକର୍ଡ ସ୍ଥାପନ କରିବା : ଜିଲ୍ଲାପାଳ

ନୂଆପଡ଼ା, ୨୦/୦୨ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ପ୍ରଶାସନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବଲାଙ୍ଗୀର ଶାଖାର ମିଳିତ ଆନୁକୂଲ୍ୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ନୂଆପଡ଼ା ଗଠନ ଅଭିଯାନ ଅନ୍ତର୍ଗତ ରାହାଗିରି ୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରିବା ପାଇଁ ଜନ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା । ଆଜି ସକାଳ ୭ ଘଣ୍ଟା ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକତା ଚକ୍ର ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶ , ଆରକ୍ଷୀ ଅଧୀକ୍ଷକ ଅମିତପାଲ ସିଂ, ବନ ଖଣ୍ଡ ଅଧିକାରୀ (ପ୍ରାଣୀୟ) ଅଜିତ ଖାନ, ବନ ଖଣ୍ଡ ଅଧିକାରୀ (ବନ୍ୟ ପ୍ରାଣୀ) ସମୀର ସାହୁ, ଆଂଚଳିକ ଅଧିକାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବଲାଙ୍ଗୀର, ବଳିଦା ସିଂ, ଅତିରିକ୍ତ ଜିଲ୍ଲାପାଳ ସୁବାଶ ଚନ୍ଦ୍ର ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗୋଦର ଧଲୁଆ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନିତା ଦାଶ, ସିଡିଏମଓ ଡଃ ଧନେଶ୍ୱର ସେଠୀ,ଉପଜିଲ୍ଲାପାଳ ସୁମିତ ସୋରେନ ପ୍ରମୁଖ ଅତିଥି ଭାବରେ ସମାଗୋଦରେ ଯୋଗ ଦେଇଥିଲେ । ରାହାଗିରି ନିମନ୍ତେ ଯୋଗ, ଉଜୋଲି, ଦୌଡିବଣ୍ଡା, ପୁଟି, ସ୍ମୋ ସାଇକେଲ, ମୋହେନା, ସ୍ମୋଗାନ ଲେଖା, ଅନ୍ତାକ୍ଷରୀ ଇତ୍ୟାଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ସହରର ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ, ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଜନ ସାଧାରଣ ବହୁ ସଂଖ୍ୟାରେ ରାହାଗିରି କାର୍ଯ୍ୟକ୍ରମରେ ଉତ୍ସାହ ସହିତ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ବର୍ଜନ କରିବା ପାଇଁ ନୂଆପଡ଼ା ବାସୀଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମ ସୁପରିଚାଳନାରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ କୁମାର ମହରା, ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଜ, ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପ୍ରଶାନ୍ତ କୁମାର ମହାନ୍ତି, ପରିମଳ ସଂଯୋଜକ ଅନିଲ କୁମାର ଲେଙ୍କା, ଏସିଏଫ୍ ମହମ୍ମଦ ମୁସ୍ତାଫା ସାଲିହା, ଅଜୟ ସେସ, ନୂଆପଡା ଏନ୍‌ଏସିଲିଷ, ସନ୍ଦୀପ କୁମାର ଚନ୍ଦ୍ରାକର, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପ୍ରଶାନ୍ତ ମାଝୀ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ ଖସମରେ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ପ୍ରଶାସନିକ ଓ ରାଜସ୍ୱ ଅଧିକାରୀ, ଜଙ୍ଗଲ ବିଭାଗ ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ଗଣ ମାଧ୍ୟମର ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମଚାରୀ ପ୍ରମୁଖ ରାହାଗିରିରେ ଅଂଶ ଗ୍ରହଣ କରିଥିଲେ । ସମସ୍ତ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀ ମାନଙ୍କୁ ଜିଲ୍ଲାପାଳ ଏବଂ ଅତିଥି ମାନେ ମାନପତ୍ର ତଥା ଟ୍ରଫି ଦେଇ ସମ୍ମାନିତ କରିଥିଲେ । ସମସ୍ତଙ୍କ ସମନ୍ୱୟ ଓ ସହଯୋଗରେ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା । ରାହାଗିରି କାର୍ଯ୍ୟକ୍ରମ ପାଇଁ ଆଜି ନୂଆପଡ଼ା ସହର ସଂପୂର୍ଣ୍ଣ ଲାବରେ ଉତ୍ସବ ମୁଖର ହୋଇଉଠିଥିଲା ।

ପୁରୀ ଜିଲ୍ଲା ବିଭାଜନ ଆଲୋଚନା ମଧ୍ୟରେ ଗୋପ ଓ କୋଣାର୍କକୁ ପୁରୀରେ ରଖିବାକୁ ଅନୁରୋଧ

ପୁରୀ, ୨୦/୦୨ (ଆ.ପ୍ର) : ଓଡ଼ିଶା ସରକାର ୨୦୨୬–୨୭ ଆର୍ଥିକ ବର୍ଷରେ ନୂଆ ଜିଲ୍ଲା ଗଠନ ପାଇଁ ପ୍ରସ୍ତାବ ଆମନ୍ତ୍ରଣ କରିଥିବା ପରିପ୍ରେକ୍ଷିରେ ପୁରୀ ଜିଲ୍ଲା ବିଭାଜନ ନେଇ ଚର୍ଚ୍ଚା ଜୋର ଧରିଛି । ଏହି ସମୟରେ ବିଜେପି କୃଷକ ମୋର୍ଚ୍ଚା, ଓଡ଼ିଶାର ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ (ଲୁଲୁ) ପୁରୀ ଜିଲ୍ଲାର ସମ୍ଭାବ୍ୟ ବିଭାଜନ ଉପରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି । ସେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଗୋପ ଓ କୋଣାର୍କକୁ ପୁରୀ ଜିଲ୍ଲାରୁ ଅଲଗା ନ କରିବାକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ ଶ୍ରୀକ୍ଷେତ୍ର ପୁରୀର ଆଧ୍ୟାତ୍ମିକ, ସାଂସ୍କୃତିକ ଓ ଐତିହ୍ୟମୂଳକ ମହତ୍ୱ ବୃଦ୍ଧିରୁ ଏହି ଅଂଚଳଗୁଡ଼ିକୁ ଏକାଠି ରଖିବା ଆବଶ୍ୟକ । ରାଜ୍ୟରେ ମୋଟ ୩୧ଟି ନୂଆ ଜିଲ୍ଲା ପ୍ରସ୍ତାବ ମିଳିଥିବା ବେଳେ, ପୁରୀରୁ ନିମାପଡ଼ାକୁ ଅଲଗା କରି ନୂଆ ଜିଲ୍ଲା ଗଠନ ପ୍ରସ୍ତାବ ଆସିଛି । ଏହି ପ୍ରସଙ୍ଗରେ ସ୍ୱାଇଁ କହିଛନ୍ତି ଯେ ପ୍ରଶାସନିକ ସୁବିଧା ପାଇଁ ଯଦି ନିମାପଡ଼ାକୁ ନୂଆ ଜିଲ୍ଲା କରାଯାଏ, ତେବେ ଗୋପ ଓ କୋଣାର୍କକୁ ପୁରୀରେ ରଖାଯିବା ଉଚିତ । ସେ ଆହୁରି ପରାମର୍ଶ ଦେଇଛନ୍ତି ଯେ ପ୍ରସ୍ତାବିତ ନିମାପଡ଼ା ଜିଲ୍ଲାରେ ଜୟଦେବ ଓ ନିଆଳି ରୁ ଅନ୍ତର୍ଭୁକ୍ତ କରାଯାଇପାରେ । ଗୋପ ଓ କୋଣାର୍କ ଅଂଚଳକୁ ଅଲଗା କରାଗଲେ ପୁରୀ-କୋଣାର୍କ ବିକାଶ ପ୍ରାଧିକରଣ (ଠିକେଡିଏ)ର ଉନ୍ନତି ଯୋଜନା ପ୍ରଭାବିତ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି । ଭବିଷ୍ୟତରେ ଏମ୍‌ପି କିମ୍ବା ଏମ୍‌ଏଲ୍‌ଏ ଆସନ ସଂଖ୍ୟା ବୃଦ୍ଧି ହେଲେ, ଗୋପ ଓ କୋଣାର୍କକୁ ପୁରୀ ଏମ୍‌ପି ମଣ୍ଡଳୀରେ ରଖାଯିବାକୁ ସେ ପ୍ରସ୍ତାବ କରିଛନ୍ତି । ଏହାସହିତ, ଏହି ଅଂଚଳ ପାଇଁ "ପଦ୍ମକ୍ଷେତ୍ର" ନାମରେ ଅଲଗା ଏମ୍‌ଏଲ୍‌ଏ ନିର୍ବାଚନମଣ୍ଡଳୀ ଗଠନ କରିବା ପରାମର୍ଶ ମଧ୍ୟ ଦେଇଛନ୍ତି । ଏହି ଆଲୋଚନା ପୁରୀରେ ବାଲୁଥିବା ପ୍ରଶାସନିକ ପରିବର୍ତନ ମଧ୍ୟରେ ଆସୁଛି । ଜାନୁଆରୀ ୧, ୨୦୨୬ରୁ ପୁରୀକୁ ମ୍ୟୁନିସିପାଲ୍ କର୍ପୋରେସନ୍‌ରେ ଉନ୍ନତ କରାଯାଇଛି, ଯାହା ତୀର୍ଥଯାତ୍ରୀଙ୍କ ବୃଦ୍ଧିଶୀଳ ଭିଡ଼କୁ ମନେରଖି କରାଯାଇଥିବା ପଦକ୍ଷେପ । ସରକାର ଏହି ସମସ୍ତ ପ୍ରସ୍ତାବକୁ ଖତିଆନ କରୁଥିବା ବେଳେ, ଏପର୍ଯ୍ୟନ୍ତ କୌଣସି ଅନ୍ତିମ ନିଷ୍ପତ୍ତି ହୋଇନାହିଁ । ସ୍ଥାନୀୟ ନେତା ଓ ଲୋକମାନେ ମଧ୍ୟ ପୁରୀ ସହ ଗୋପ ଓ କୋଣାର୍କର ଐତିହାସିକ ଏବଂ ଆଧ୍ୟାତ୍ମିକ ସମ୍ପର୍କକୁ ଅକ୍ଷୁଣ୍ଣ ରଖିବାକୁ ମତ ପ୍ରକାଶ କରୁଛନ୍ତି ।

ବୃତ୍ତି ପରୀକ୍ଷାରେ ପାଟଖଣ୍ଡା ପବ୍ଲିକ ସ୍କୁଲର କୃତିତ୍ୱ

ବାଲିଗୁଡ଼ା, ୨୦/୦୨ (ଆ.ପ୍ର) : ଚଳିତ ବର୍ଷ ୨୦୨୫-୨୬ ଶିକ୍ଷାବର୍ଷର ବୃତ୍ତି ପରୀକ୍ଷାରେ ଜିଲ୍ଲା ବାଲିଗୁଡ଼ା ସ୍ଥିତ ପାଟଖଣ୍ଡା ପବ୍ଲିକ ସ୍କୁଲର ଟପ୍‌ମୋ ଶ୍ରେଣୀ ଛାତ୍ରୀ ସୃଷ୍ଟି ସୁଲଗ୍ନା ପଣ୍ଡା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ତୃତୀୟ ଶ୍ରେଣୀର ଛାତ୍ର ଶ୍ରୀବର୍ଦ୍ଧନ ମଲ୍ଲିକ ଷଷ୍ଠ ସ୍ଥାନ ଅଧିକାର କରି କୃତିତ୍ୱ ଅର୍ଜନ କରିଛନ୍ତି । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରେରଣା ଓ ଅଭିଭାବକଙ୍କ ଆଶୀର୍ବାଦ ହିଁ ଶ୍ରେୟ ଅଟେ ବୁଲି ନିଜ ମତ ପ୍ରକାଶ କରିଛନ୍ତି । ଏହି ବୁଦ୍ଧିଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ମହାପାତ୍ର ମାଁ ପାଟଖଣ୍ଡାଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

ସରସ୍ୱତୀ ଶିଶୁମନ୍ଦିରରେ ବାର୍ଷିକ ଉତ୍ସବ ପାଳନ

ମୈଦନପୁର, ୨୦/୦୨ (ଆ.ପ୍ର) : ପାପଡାହାଣ୍ଡି ବ୍ଲକ ମୈଦନପୁର ପଂଚାୟତ ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ରେ ଆଜି ବାର୍ଷିକ ଉତ୍ସବ ପାଳନ ହୋଇଛି । ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ତ୍ରିନାଥ ପଟନାୟକ, ମୁଖ୍ୟ ବକ୍ତା ପାପଡାହାଣ୍ଡି ରାଜସ୍ୱ ନିରୀକ୍ଷକ ଗଙ୍ଗାଧର ମହାଳୁକ, ସ୍କୁଲ ସଭାପତି ଭରତ ନିଆଁଳି, ସମ୍ପାଦକ ହରିଶଙ୍କର ସାହୁ, ସୁଭାଷ ମାଣ୍ଡେଲ ପ୍ରମୁଖ ଯୋଗ ଦେଇ ଦୀପ ପ୍ରଜ୍ୱଳନ, ଉଦଘାଟନ କରିବା ସହ ନିଜ ନିଜ ମତ ପ୍ରକାଶ କରିଥିଲେ । ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ହରିଜନ ବାର୍ଷିକ ବିବରଣୀ ପଠନ କରିଥିଲେ । ପ୍ରଥମରୁ ଅଷ୍ଟମ ଶ୍ରେଣୀର ବିଭିନ୍ନ ପ୍ରତିଯୋଗିତାରେ କୃତ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ, ସାମାଜିକ ନାଟକ ପରିବେଷଣ କରାଯାଇ ବହେ ମାତରଂ ଗାନ ପରେ ବାର୍ଷିକ ଉତ୍ସବ ଶେଷ କରାଯାଇଥିଲା । ଭକ୍ତ କାର୍ଯ୍ୟକ୍ରମ ରେ ଗୁରୁଜୀ ଗୁରୁମା ଓ କର୍ମଚାରୀ ମାନେ ସାହାଯ୍ୟ ସହଯୋଗ କରିଥିଲେ ।

ଭୋଳାଙ୍କ ପରିବାରକୁ ନ୍ୟାୟ ଦାବିରେ ସାମ୍ବାଦିକ ସମ୍ମିଳନୀ

ଦଶପଲ୍ଲା, ୨୦/୦୨ (ଆ.ପ୍ର) : ଭୋଳାଙ୍କ ପରିବାରକୁ ନ୍ୟାୟ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୨୩ଗୁଣ୍ଡ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଶୁକ୍ରବାର ଦିନ ଦଶପଲ୍ଲା ଏନଏସି ଅନ୍ତର୍ଗତ ବୁର୍ଗା ବଜାର ସନ୍ନିହିତ ପୂଜା ଲଜ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭିମଆର୍ମି ଭାରତ ଏକତା ମିଶନ ଓଡିଶା ଶାଖା ତରଫରୁ ସୂଚନା ପ୍ରଦାନ କରାଯାଇଛି । ଘଟଣାକୁ ଭିମଆର୍ମି ତରଫରୁ ଦୃଢ଼ ନିନ୍ଦା କରାଯାଇଛି । ୧୫ ଦିନ ବିତିଯାଇଥିଲେ ସୁଦ୍ଧା ପରିବାରକୁ କୋଣସି ପ୍ରକାରର ନ୍ୟାୟ ମିଳିପାରି ନାହିଁ ବୋଲି ଅଭିଯୋଗ କରାଯିବା ସହିତ ଘଟଣାରେ ଦୁଇଜଣ ଶିକ୍ଷୟତ୍ରୀଙ୍କୁ ଗିରଫ ପାଇଁ ଦାବୀ କରାଯାଇଛି । ସେଥିପାଇଁ ଭିମ୍ ଆର୍ମି ଭାରତ ଏକତା ମିଶନ ତରଫରୁ ସେବୁଆରୀ ୨୩ ତିଖ ଦିନ ସକାଳ ୧୦.୩୦ ସମୟରେ ନୟାଗଡ ବ୍ଲକ ଅଫିସ ଆଗରୁ ଏକ ବିଶାଳ ରାଲି କାଢ଼ାଗଲା ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଂଚିବ ଏବଂ ଯେ ପର୍ଯ୍ୟନ୍ତ ଦାବିଗୁଡ଼ିକ ପୂରଣ ନ ହୋଇଛି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦିବାରାତ୍ର ଧାରଣା ଦିଆଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି ।

ବୈତରଣୀ ନଦୀରୁ ଭାରୀଯାନ ଦ୍ୱାରା ବେଆଇନ ବାଲିଉଠାଣ ବନ୍ଦ ନକଲେ ଆନ୍ଦୋଳନ ହେବ : କୋରାଇ ସଂଗ୍ରାମ ସମିତି

ଯାଜପୁର, ୨୦/୦୨ (ଆ.ପ୍ର) : ବୈତରଣୀ ନଦୀ କୂଳରେ ଥିବା ବାଲିଘାଟ ଗୁଡିକରୁ ଅବାଧରେ ମେସିନ ଲଗାଇ ଭାରିଯାନ ଦ୍ୱାରା ବେଆଇନ ଭାବେ ବୌଳିକ ଶହଶହ ଟ୍ରିପ ବାଲି ଉଠାଣକୁ କୋରାଇ ସଂଗ୍ରାମ ସମିତି ପକ୍ଷରୁ ବିରୋଧ କରି ଯାଜପୁର ଜିଲ୍ଲାପାଳ ଓ ଲଘୁଶିଳ୍ପ ବିଭାଗର ଡିଡିଏମଙ୍କୁ ଏ ସମ୍ପର୍କରେ ବହୁବାର ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ନ ନେବାରୁ ସଂଗ୍ରାମ ସମିତିର ସଭାପତି ବିଦ୍ୟାଧର ମହାନ୍ତି , ସାଧାରଣ ସମ୍ପାଦକ ଅଭିମନ୍ୟୁ ମିଶ୍ର, ସମ୍ପାଦକ ମନୋରଞ୍ଜନ ନାୟକ ଓ ପ୍ରତାପ କୁମାର ଦାସ, ବାସୁଦେବ ପରିଡାଙ୍କ ସହିତ ଏକ ପ୍ରତିନିଧି ଦଳ ଡିଡିଏମଙ୍କୁ ଦାବି ପତ୍ର ଦେବାକୁ ଯିବା ବେଳେ ଡିଡିଏମ ଏବଂ ତାଙ୍କ ସହଯୋଗୀ ଅଫିସ ଛାଡି ପଳାୟନ କରିଥିଲେ । ସଂଗ୍ରାମ ସମିତିଙ୍କୁ ଡ଼ିଡ଼ିଏମ ଦଳାଲ ଯେପରି ବ୍ୟବହାର କରିଛନ୍ତି ଉଚିତ ଜବାବ ଦିଆଯିବ ବୋଲି କହିଛନ୍ତି ସଂଗ୍ରାମ ସମିତି କର୍ମକର୍ତା । ଏବଂ ତାଙ୍କ ସହଯୋଗୀ ଅଫିସ ରେ ଅନୁପସ୍ଥିତ ଯୋଗୁଁ ସରକାରଙ୍କ ବାହାଦୁରୀ ପଣ୍ଡିତାକୁ ପ୍ରତିନିଧି ଦଳ ଦୃଢ଼ ସମାଲୋଚନା କରିଥିଲେ । ଏଠାରେ ସୂଚନା ଯୋଗ୍ୟ ରଣପୁର, ଗୋପାଳପୁର, ନାୟାହାଟ ପାଟଣା ସାଆଁନା, ମୁକୁନ୍ଦପୁର, ଗୋପାଳପୁର, ନିସଙ୍ଗପୁର, ଓ ଗଡମାରୀଆ, ସାଜବା ଏବଂ ଧନଡ଼ି ପ୍ରମୁଖ ବାଲିଘାଟ ଗୁଡିକରେ କୌଣସି ଅନୁମତି ଲିୟା ସିଆ, ପଲୁସନ ନଥାଇ ଶହ ଶହ ଭାରୀଯାନ ବାଲିଗାଡି ଗାସ୍ତାରେ ଯିବା ଦ୍ୱାରା ଆର.ଡ଼ି ରୋଡ ଗୁଡିକ ବିପଜ୍ଜନକ ହେଉଛି । ଏପରିକି ସ୍କୁଲ, କଲେଜ ଓ ଆମ୍ବୁଲାନ୍ସ ଗାଡି ଯିବା କଷ୍ଟକର ହୋଇଥିଲେ ମଧ୍ୟ ଜିଲ୍ଲାପ୍ରଶାସନ ନୀରବତା ଯୋଗୁ ବାଲି ମାଫିଆ ମାନେ ସକ୍ରିୟ ହୋଇଥିବା ଦେଖିବାକୁ ମିଳୁଛି । ସରକାରଙ୍କ ଗେଟ୍‌ଗେଟ୍‌ଟେକ୍ସ ରାଜସ୍ୱ ହାନି ହେବା ସହିତ ବିନା କାଗଜ ପତ୍ରରେ ଚାଲୁଥିବା ବାଲି ଘାଟ ଗୁଡିକୁ ସିଲ ନ କରାଯାଏ ଓ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଜିଲ୍ଲା ପ୍ରଶାସନ ଦୃଢ଼ ଗ୍ରହଣ ନକଲେ ଜୋରଦାର ସଂଗ୍ରାମ ସମିତି ବାଧ୍ୟ ହୋଇ ଜନଆନ୍ଦୋଳନ କରିବ ବୋଲି ସଂଗ୍ରାମ ସମିତିର ସଭାପତି ଶ୍ରୀ ମାହାନ୍ତି ସୂଚନା ଦେଇଛନ୍ତି ।

ଜି ଉଦୟଗିରି ବନପାଳ ତାଲିମ କେନ୍ଦ୍ରରେ ୬୦ତମ ଦୀକ୍ଷାନ୍ତ ପ୍ୟାରେଡ ଓ ସମାବର୍ତନ ଉତ୍ସବ

ଜି.ଉଦୟଗିରି, ୨୦/୦୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରିସ୍ଥିତ ବନପାଳ ତାଲିମ କେନ୍ଦ୍ର ପରିସରରେ ଆଂଚଳିକ ମୁଖ୍ୟ ବନ ସଂରକ୍ଷକ, ବ୍ରହ୍ମପୁର ମଣ୍ଡଳ ବିଶ୍ୱନାଥ ନାୟାକଙ୍କ ଅଧ୍ୟକ୍ଷତାରେ ୬୦ତମ ଦୀକ୍ଷାନ୍ତ ପ୍ୟାରେଡ ଓ ସମାବର୍ତନ ଉତ୍ସବ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସଭାନିତ ଅତିଥି ଭାବେ ବନଖଣ୍ଡ ଅଧିକାରୀ ଫୁଲଦାଣୀ ପ୍ରତାପ ଜୋଟାପାଲୁ ଏବଂ କାଳିସୁଡା ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହନ୍ତ, ଉଚ୍ଚର ଗୁମ୍ପୁସର ବନଖଣ୍ଡ ଅଧିକାରୀ ସୀମାଂଶୁ ଶେଖର ଯୋଗ ଦେଇଥିଲେ । ତାଲିମ କେନ୍ଦ୍ରରୁ ତାଲିମ ନେଇ ନିଜ କର୍ମ କ୍ଷେତ୍ରରେ ତାର ସୁବିନିଯୋଗ କଲେ ବିଭାଗର ଗୌରବ ବଢ଼ିବା ସହ ନିଜ ସମ୍ମାନ ଅକ୍ଷୁର୍ଣ୍ଣ ରହିବ ବୋଲି ଅତିଥି ମାନେ ମନବ୍ୟକ୍ତ କରିଥିଲେ । ସମାଜ ପାଇଁ ଗୁରୁତ୍ୱ ବହନ କରୁଥିବା ବନପାଳ ପଦବୀ ଓ ଦାୟିତ୍ୱକୁ ନିଷ୍ଠା ଓ ଅନୁଶାସନର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଉପ ବନସଂରକ୍ଷକ ଆଶିଷ କୁମାର ବେହେରା ସ୍ୱାଗତ ଭାଷଣ ଦେବା ସହ ବିବରଣୀ ପାଠ କରିଥିଲେ । ୬୦ ତମ ତାଲିମ ବ୍ୟାଚରେ ତାଲିମ ନେଇଥିବା ୪୮ ଜଣ ଅଧିକାରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜି.ଉଦୟଗିରି ରେଞ୍ଜର ମଣିରେଞ୍ଜରୀ ପଟ୍ଟନାୟକ, ବନପାଳ ଶଙ୍କର ପଣ୍ଡା,ସହକାରୀ ବନ ସଂରକ୍ଷକ କଳ୍ପନା ନାୟକଙ୍କ ସହ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

ନୂତନ ଜିଲ୍ଲା ଗଠନ ପ୍ରସ୍ତାବିତ ତାଲିକାରେ ଧର୍ମଗଡ଼ ସାମିଲ୍

କଳାହାଣ୍ଡି, ୨୦/୦୨ (ଆ.ପ୍ର) : କଳାହାଣ୍ଡି ଜିଲ୍ଲାରେ ଧର୍ମଗଡ ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ଦାବୀରେ ପୂର୍ବରୁ ଅନେକ ସମୟରେ ନୂତନ ଜିଲ୍ଲା ଗଠନ କ୍ରିୟାନୁଷ୍ଠାନ କମିଟି ତଥା ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବୀ କରାଯାଇ ଆସୁଅଛି । ଏହି ନୂତନ ଧର୍ମଗଡ଼ ଜିଲ୍ଲା ଗଠନକୁ ନେଇ ଅଂଚଳ ବାସୀଙ୍କ ପକ୍ଷରୁ ମଧ୍ୟ ପୂର୍ଣ୍ଣ ସମର୍ଥନ ରହିଥିବା ଦେଖାଦେଇଛି । ବର୍ତମାନ ଓଡିଶା ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଦିଧାର ସଲାରେ ନୂତନ ଜିଲ୍ଲା ଗଠନକୁ ନେଇ ଉଚ୍ଚର ରଖିବା ସହ ପ୍ରସ୍ତାବିତ ତାଲିକାରେ ଧର୍ମଗଡ ସାମିଲ୍ ରହି ଥିବାରୁ ଧର୍ମଗଡ ଅଂଚଳବାସୀଙ୍କ ମଧ୍ୟରେ ନୂତନ ଜିଲ୍ଲା ଗଠନ ହେବା ନିଶ୍ଚିତ ନେଇ ଆଶାର ସଂଚାର ଖେଳିଯାଇଛି । ସୂଚନା ଅନୁସାରେ ଓଡ଼ିଶା ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ରାଜ୍ୟରେ ୩୧ଟି ନୂତନ ଜିଲ୍ଲା ଗଠନ କରିବା ନିମନ୍ତେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଦାବୀ ପ୍ରାପ୍ତ ହୋଇଛି । ସମସ୍ତ ମାନଦଣ୍ଡ ତଥା ପ୍ରଚଳିତ ନୀତି ନିୟମ ଆଧାରରେ ନୂତନ ଜିଲ୍ଲା ଗଠନ ନିମନ୍ତେ ପ୍ରାପ୍ତ ଦାବୀ ଉପରେ ଉପଯୁକ୍ତ ସମୟରେ ସରକାର ବିଚାର କରିବେ ବୋଲି ବିଧାୟକ ବିଜୟ କ

ଦୈନିକ
ଆରମ୍ଭ
SEITHO ARAMBHA
ଶନିବାର, ୨୧ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ପୁରୀରେ ଗ୍ରୀଷ୍ମ ପ୍ରବାହ ପରିଚାଳନା ବୈଠକ ଅନୁଷ୍ଠିତ

ପୁରୀ, ୨୦/୦୨ (ଆ.ପ୍ର) : ଗ୍ରୀଷ୍ମ ପ୍ରବାହ ସମ୍ପର୍କରେ ଲୋକ ମାନଙ୍କୁ ସଚେତନ ସହ ବିଭିନ୍ନ ବିଭାଗ ସେମାନଙ୍କ ପରିଚାଳନାକୁ ସୁଦୃଢ କରିବା ଜରୁରୀ । ଯାହା ପରେ ଏହି ଗ୍ରୀଷ୍ମ ପ୍ରବାହ କ୍ଷୟକ୍ଷତିକୁ ରୋକା ଯାଇ ପାରିବ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା । ଶୁକ୍ରବାର ପୂର୍ବାହ୍ନରେ ସଦଭାବନା ସଭାଗୃହ ପରିସରରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କମିଟିର ପୁରୀ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡା ପ୍ରାକୃତିକ ବିପର୍ଯ୍ୟୟକୁ ରୋକା ଯାଇ ପାରିବ ନାହିଁ । କିନ୍ତୁ ପୂର୍ବ ପ୍ରସ୍ତୁତି ଦ୍ୱାରା ଧନ ଜୀବନ ହାନି ଓ କ୍ଷୟକ୍ଷତିକୁ ହ୍ରାସ କରିପାରିବା । ତେଣୁ ବୈଠକର ନିର୍ଦ୍ଦେଶ ଅନୁସାରେ ସମସ୍ତ ବିଭାଗ ସେମାନଙ୍କ ବାଣ୍ଟିବୁଝୁଛୁ ସୁଚାରୁ ରୂପେ ନିର୍ବାହ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପରେ ବିସ୍ତର ଆଲୋଚନା କରାଯାଇ କାର୍ଯ୍ୟ ତ୍ୱରାନ୍ୱିତ କରାଗଲା । ବ୍ଲକ, ତହସିଲ,

ଜିଲ୍ଲାସ୍ତର ସହ ସମସ୍ତ ବିଭାଗ ସେମାନଙ୍କ ଜଟିଳାଲ ଗ୍ରୁପ ବା ନିୟନ୍ତ୍ରଣ କକ୍ଷକୁ ନିରନ୍ତର ଭାବେ ତ୍ୱରନ୍ତ କାର୍ଯ୍ୟକ୍ଷମ କରିବା, ଷ୍ଟକଲୋ ତରଙ୍ଗୁ ସହରାଂଚଳରେ ପାନୀୟ ଜଳ ଯୋଗାଣକୁ ଅଧିକ କ୍ରିୟାଶୀଳ କରିବା, ଆବଶ୍ୟକତା ଅନୁସାରେ ଜଳ ଯୋଗାଇବା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ଉତ୍ସ ଗୁଡିକୁ ନିୟମିତ ବିଶୋଧନ ସହ ଅଧିକ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଣ, ଗ୍ରାମାଂଚଳରେ ଓ ସହରାଂଚଳର ଜଳ ଗହଳି ପୂର୍ଣ୍ଣ ସ୍ଥାନ ମାନଙ୍କରେ ବିଡ଼ିଓ, ପୌର ଓ ଏନଏସିର ନିର୍ବାହି ଅଧିକାରୀ ମାନେ ପାନୀୟ ଜଳ ଛଡ଼ରା ବ୍ୟବସ୍ଥା କରିବା, ଶ୍ରମିକ ମାନଙ୍କୁ ଦିବା ୧୧ ଘଣ୍ଟିକାରୁ ୩ ଘଣ୍ଟିକା ପର୍ଯ୍ୟନ୍ତ କାମ ନ କରାଇବା, ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ ଛାଇ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ସେମାନଙ୍କୁ ସଚେତନତା ବ୍ୟବସ୍ଥା, ଶିକ୍ଷାନୁଷ୍ଠାନ ଗୁଡିକ ସରକାରୀ ମାର୍ଗଦର୍ଶିକା ଅନୁସାରେ ପରିଚାଳନା, ସମସ୍ତ ଚିକିତ୍ସାଳୟରେ ଏସି, କୁଲର ବ୍ୟବସ୍ଥା, ବରଫ ବ୍ୟବସ୍ଥା, ପ୍ରଚୁର ଓଆରଏସ ବ୍ୟବସ୍ଥା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ଉତ୍ସ ଗୁଡିକୁ ନିୟମିତ ବିଶୋଧନ ସହ ଅଧିକ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଣ, ଗ୍ରାମାଂଚଳରେ ଓ ସହରାଂଚଳର ଜଳ ଗହଳି ପୂର୍ଣ୍ଣ ସ୍ଥାନ ମାନଙ୍କରେ ବିଡ଼ିଓ, ପୌର ଓ ଏନଏସିର ନିର୍ବାହି ଅଧିକାରୀ ମାନେ ପାନୀୟ ଜଳ ଛଡ଼ରା ବ୍ୟବସ୍ଥା କରିବା, ଶ୍ରମିକ ମାନଙ୍କୁ ଦିବା ୧୧ ଘଣ୍ଟିକାରୁ ୩ ଘଣ୍ଟିକା ପର୍ଯ୍ୟନ୍ତ କାମ ନ କରାଇବା, ବ୍ଲକ, ତହସିଲ, ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ ଛାଇ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ସେମାନଙ୍କୁ ସଚେତନତା ବ୍ୟବସ୍ଥା, ଶିକ୍ଷାନୁଷ୍ଠାନ ଗୁଡିକ ସରକାରୀ ମାର୍ଗଦର୍ଶିକା ଅନୁସାରେ ପରିଚାଳନା, ସମସ୍ତ ଚିକିତ୍ସାଳୟରେ ଏସି, କୁଲର ବ୍ୟବସ୍ଥା, ବରଫ ବ୍ୟବସ୍ଥା, ପ୍ରଚୁର ଓଆରଏସ ବ୍ୟବସ୍ଥା, ବେସରକାରୀ ହସପିଟାଲ ମାନଙ୍କୁ ସଚେତନ କରାଇବା ବ୍ୟବସ୍ଥା, ଟିଟ୍ ଓୟେଭରେ ମୃତ୍ୟୁ ଅଭିଯୋଗ ରୋକ ପୋଷ୍ଟମର୍ଟମ ସହ ସୁସ୍ଥ ଦରତ ବ୍ୟବସ୍ଥା, ଗ୍ରୀଷ୍ମ ସମୟରେ ଲୋକ ମାନଙ୍କୁ କ'ଣ କରିବା କ'ଣ ନ କରିବା ସମ୍ପର୍କରେ ସଚେତନ କରାଇବା ବ୍ୟବସ୍ଥା, ଜଳ ପ୍ରତିନିଧି, ସ୍ୱେଚ୍ଛାସେବୀ ମାନଙ୍କୁ ସଚେତନ ଓ ସେମାନଙ୍କ ସହଯୋଗ ନେବା, ନିରବଚ୍ଛିନ୍ନ ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣ କରିବା, ପଶୁ ସମ୍ପଦ ମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା, ଶ୍ରୀମନ୍ଦିର ଆସୁଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ ଛାଇ ବ୍ୟବସ୍ଥା, ମ୍ୟାଟ ଓ ଜଳ ସିଂଚନ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ପାନୀୟ ଜଳ ସହ ଓଆରଏସ ବ୍ୟବସ୍ଥା, ବିଭିନ୍ନ ଆବାସିକ ଶିକ୍ଷାନୁଷ୍ଠାନ ମାନଙ୍କରେ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ରକ୍ଷା ବ୍ୟବସ୍ଥା, ପର୍ଯ୍ୟଟନ ସ୍ଥଳୀ ମାନଙ୍କରେ ଅନୁରୂପ ସହାୟତା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ସମସ୍ତ ବିଭାଗ ତତ୍ପରତାର ସହ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପରଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନିକ ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟ ସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିନମାଧବ ଭୋଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ତ୍ରିଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସପି ବେବୀ ପ୍ରସାଦ ପ୍ରଧାନ, ପିଇଡବିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାଣ୍ଡା, ଉପ ଜିଲ୍ଲାପାଳ ରାଜ କିଶୋର କେନା ପ୍ରମୁଖ ଯୋଗ ଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ଓ ଲାଇନ ଡିପାର୍ଟମେଂଟର ଅଧିକାରୀ ମାନେ ଏଥିରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଜରୁରୀ ବିଭାଗ ର ଡେପୁଟି କଲେକ୍ଟର ଅନୁଶ୍ରବ ଗଣ୍ଡାଇତ, ଜିଲ୍ଲା ପ୍ରୋଜେକ୍ଟ ଅଫିସର ସୁକାନ୍ତ କୁମାର ବାଶ ଓ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

ବାର ବର୍ଷ ବୟସରେ ଅମର ରହିବେ ଶୁଭମ୍

ହାଟଡିହି, ୨୦/୦୨ (ଆ.ପ୍ର) : ହାଟଡିହି ବାର ବର୍ଷ ବୟସରେ ଅମର ରହିବେ ଶୁଭମ୍ । ମଣିଷ ଶରୀରର ମୂଲ୍ୟ ବାନ ଅଙ୍ଗ କୁହା ଯାଉଥିବା ହୃତପିଣ୍ଡ ଓ ଯକୃତ ଦୁଇ ଜଣଙ୍କୁ ଦାନ କରିଅମର ରହିଲେ ବାର ବର୍ଷର ପୁତ୍ର ଶୁଭମ୍ । ଜୀବନ ଆରମ୍ଭ ପୂର୍ବରୁ ଚାଲିଗଲା ଜୀବନ । ଯାହାକି ଏପରି ଘାଟଣା ଦେଖିବାକୁ ମିଳିଥିଲା କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଜମ୍ବାରା ଗ୍ରାମର ଉପେନ୍ଦ୍ର ଆଚରଣ୍ଡ ୧୨ ବର୍ଷର ପୁତ୍ର ଶୁଭମ୍ ଆଚରଣ ଭାଗ୍ୟରେ । କେତେ ଆଶା ନେଇ ପୁରୀ ଯାଇଥିଲା ଜଗା ଦର୍ଶନ ପାଇଁ କିନ୍ତୁ ସମୁଦ୍ର କୂଳରେ ଜଗି ବସିଥିଲା ଜାନ । ରାତି ପ୍ରାୟ ଗୋଟାଏ ସମୟ ରେ ଓଡ଼ି-୦୨-ସି କିଉ ୮୪୮୧ ନମ୍ବର ବିଶିଷ୍ଟ ଏକ ସ୍କର୍ପିଓ ଗାଡ଼ି ଧକ୍କା ଦେଇଥିଲା । ଏହି ଘଟଣା ୧୪ ତାରିଖ ରେ ଘଟିବା ପରେ ସେ କିମ୍ସ ମେଡିକାଲ ରେ ଚିକିତ୍ସିତ ହେଉଥିଲେ । କିନ୍ତୁ ଡାକ୍ତର ବହୁ ଚେଷ୍ଟା ସତ୍ତ୍ୱେ ବଂଚାଇ

ପରିଣେନାହିଁ ମରିବା ପୂର୍ବରୁ ବେଳ ଗଳା ଅମୂଲ୍ୟ ବୁଢା ଜୀବନ, ଯାହାକୁ ନେଇ ଝୁରୁଛନ୍ତି ପରିବାର ଲୋକ ବନ୍ଧୁ ପରିଜନ କୁନି କୁନି ସାଙ୍ଗ ମାନେ । ବୁଢିଟି ଗାଁର ସେହିଳା ଗେ ପୁତ୍ର । ନିଜ ଗାଁ ଜମ୍ବାରା ଓ ମାମୁ ଘର ଅଣ୍ଡାରେ ସେ ରହି ପାଠ ପଢୁଥିଲା । ସେଥିପାଇଁ ସମସ୍ତଙ୍କ ମନରେଖେଳିଯାଇଛି ଅମାୟିକର ଶୋକ । ମୃତ୍ୟୁ ପରେ ବି ସେ ଅମର । ଚାଲିଗଲା ପରେବି ନିଜ ଅଙ୍ଗଦାନ କରି ୨ ଜଣଙ୍କୁ ଦେଲେ ନୂଆ ଜୀବନ ଶୁଭମ୍ । ଶୁଭମ୍ ଜୀବନ ସହ ସଂଗ୍ରାମ କରି ଜୀବନ ଯୁଦ୍ଧରେ ହାରିଗଲେ । ହେଲେ ମୃତ୍ୟୁ ପରେ ବି ସେ ଚିର ଅମର ହୋଇ ରହିଯାଇଛନ୍ତି । ପରିବାର ଲୋକେ ବହୁ ପ୍ରୟାସ କରାଇଥିଲେ ବି ଶୁଭମ୍‌କୁ ବଂଚାଇ ପାରିନଥିଲେ । ଶୁଭମ୍ ଆଜି ନାହାନ୍ତି ସତ ହେଲେ ପ୍ରତିଟି ଅଙ୍ଗ ତାଙ୍କର ଅନ୍ୟ ମାନଙ୍କ ଦେହରେ ନୂଆ ଜୀବନ । ଶୁଭମ୍‌ଙ୍କ ପରିବାରର ଏହି ମହତ୍ ଦାନ ତାଙ୍କୁ କରିଛି ଚିରସ୍ମରଣୀୟ । ତାଙ୍କର ଏହି ମହାନ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଶୁଶୋଳରେ ସମ୍ମାନଜନକ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି ।

ରାସ୍ତା କାର୍ଯ୍ୟର ମରାମତି; ବିଧାୟକଙ୍କୁ କୃତଜ୍ଞତା ଜଣାଇଲେ ଅଞ୍ଚଳବାସୀ

ନିଶ୍ଚିନ୍ତକୋଲାଳି, ୨୦/୦୨ (ଆ.ପ୍ର) : ରାଜ୍ୟ ରାଜପଥ କଟକ ଚାନ୍ଦବାଲି ରାସ୍ତା(ପିଡ଼ବୁଡ଼ି) ରାସ୍ତା ଠାରୁ ନଟରା ପର୍ଯ୍ୟନ୍ତ ରାସ୍ତାର ମରାମତି କାର୍ଯ୍ୟ ଶେଷ ହୋଇଛି । ବାର୍ଯ୍ୟ ଦିନ ପୂର୍ବରୁ ଏହି ରାସ୍ତାଟି ନିର୍ମାଣ ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହେବାର ୫ ବର୍ଷ ଅବଧି ଯାଏଁ ଠିକା ସଂସ୍ଥା ପକ୍ଷରୁ ପ୍ରତ୍ୟେକ ବର୍ଷ ରାସ୍ତାର ମରାମତି କରିବା ପାଇଁ ଅର୍ଥର ବ୍ୟବସ୍ଥା ହୋଇଥିଲେ ମଧ୍ୟ ସଠିକ୍ ଢଙ୍ଗରେ ରାସ୍ତାର ମରାମତି କାର୍ଯ୍ୟ ନହୋଇଥିବାରୁ ଉକ୍ତ ରାସ୍ତାରେ ଗୋଡ଼ି ଉଠି ଅନେକ ସ୍ଥାନରେ ଖାଲ

ଖମା ସୃଷ୍ଟି ହୋଇ ଗମନାଗମନ ଅନୁପଯୋଗୀ ହୋଇଥିଲା । ଗମନାଗମନର ସୁବିଧା ପାଇଁ ମାନ୍ୟବର ମାହାଙ୍କୁ ବିଧାୟକ ଶରତପ୍ରସାଦ ପ୍ରଧାନ ଗ୍ରାମ୍ୟ ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ସହ ଯୋଗାଯୋଗ କରି ଉକ୍ତ ରାସ୍ତାର ମରାମତି କାର୍ଯ୍ୟ ପାଇଁ ଗତ ତା.୦୫.୦୨.୨୦୨୬ରିଖରେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ୧୦/୧୨ଦିନ ମଧ୍ୟରେ ଉକ୍ତ ରାସ୍ତାର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାରୁ ଏବେ ଲୋକମାନେ ସୁବିଧାରେ ଯାତ୍ରାୟାତ କରିପାରୁଛନ୍ତି । ରାସ୍ତାର ତ୍ୱରନ୍ତ ମରାମତି କାର୍ଯ୍ୟ ହୋଇଥିବାରୁ ନଟରା ଓ ରିଖୋ ଗ୍ରାମର ବହୁ ଜନସାଧାରଣ ବିଧାୟକ ଶ୍ରୀ ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଭଦ୍ରେଶ୍ୱର ପୋଲିସର ଡାଳଟୁଳ ନୀତି : ହତାଶ ହେଲେ ଅଭିଯୋଗକାରୀ

ମାହାଙ୍ଗା, ୨୦/୦୨ (ଆ.ପ୍ର) : ଭଦ୍ରେଶ୍ୱର ଥାନାରେ ଦାୟର ତା.୭.୦୨.୨୦୨୬ରିଖରେ ଗୋପାଳପୁର ଫଂଚାୟତର ଗୋପାଳପୁର ଗ୍ରାମର ଜିତେନ୍ଦ୍ର କୁମାର ବିଶ୍ୱାଳ, ପିତା-ସ୍ୱର୍ଗତ ବଦନ କୁମାର ବିଶ୍ୱାଳ ଲିଖିତ ଅଭିଯୋଗ କରି ଦର୍ଶାଇଥିଲେ ଯେ ତାଙ୍କ ବ୍ୟକ୍ତିଗତ ଜମାଖାତା ନଂ୯୮୦/୨୧୯୬ ସୁଟ ନଂ ୨୨୭ ଉପରେ ଗୋପାଳପୁର ଗ୍ରାମର ଜ୍ଞାନେନ୍ଦ୍ର ବିଶ୍ୱାଳ, ପିତା-ସ୍ୱର୍ଗତ ଯଦୁମଣି ବିଶ୍ୱାଳ ଜୋଡଜବରନେଣ ଘରଛପର କୁଟା ଦୁଇ ଡ୍ରାଇଭରେ ଅଧିକ ଜମା କରି ଜମି ଅବରୋଧ କରିଛନ୍ତି । ଏ ସଂପର୍କରେ ଗ୍ରାମର ଭଦ୍ରେଲୋକଙ୍କ ଦ୍ୱାରା ଦୃଷ୍ଟି ଆକର୍ଷଣ କରାଯାଇ ଅବରୋଧ ହଟାଇବାକୁ ଅନୁରୋଧ କରାଯାଇଥିଲା । ଅପରପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶ୍ରୀ ବିଶ୍ୱାଳ ଭଦ୍ରେଶ୍ୱର ଥାନାର ଦ୍ୱାରସ୍ଥ ହୋଇଥିଲେ । ପୋଲିସ ଘଟଣାର ତଦନ୍ତ କରି ଉଭୟ ପକ୍ଷଙ୍କୁ ତା ୧୮.୦୨.୨୦୨୬ରିଖ ସମ୍ମାନରେ ଥାନାରେ ଉପସ୍ଥିତ ରହିବାକୁ କହିଥିଲେ । ଧାର୍ଯ୍ୟ ସମୟରେ ୫ଜଣ ଭଦ୍ରଲୋକ ସମେତ ତଦନ୍ତକାରୀ ପୋଲିସ ଅଧିକାରୀ ଉପସ୍ଥିତ ରହି ଆଲୋଚନା କରାଯାଇଥିଲା । ଭଦ୍ରଲୋକଙ୍କ ପକ୍ଷରୁ ଗ୍ରାମର ଜୁମେ ଜୁଟାଗଡ଼ ଘଟଣାବାକୁ ଅପରପକ୍ଷଙ୍କୁ କୁହାଯାଇଥିଲା । ସେହେତୁ କୌଣସି ନିର୍ଦ୍ଦେଶ ବାହାରି ନଥିଲା । ବାହାରିରେ ଥିବା ପୋଲିସ ଅଧିକାରୀ ଅପରପକ୍ଷଙ୍କୁ ଫୋନରେ ଭଳି କଥା କହିଥିଲେ । ଏଥିରେ ଅଭିଯୋଗକାରୀ କୌଣସି ନ୍ୟାୟ ପାଇ ନଥିଲେ । ଯାହାକୁ ନେଇ ଅଭିଯୋଗକାରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ଜଳଜର୍ଜରିତଙ୍କର ଦୃଷ୍ଟି ଆକର୍ଷଣ କରିବେ ବୋଲି ସୂଚନା ଦେଇଛନ୍ତି । ଏଠାରେ ଚର୍ଚ୍ଚା ହେଉଛି ଯେ ସ୍ଥାନୀୟ ସ୍ୱାଧୀନ ବିଧାୟକଙ୍କ ସମ୍ପର୍କମାନେ ଥାନା ଭିତରେ ନିଜର ବଦବଦା ଜାରିର କରୁଥିବାରୁ ସାଧାରଣ ଅଭିଯୋଗ ଜାରୀ ନ୍ୟାୟ ପାଇବାକୁ ବଂଚିତ ହେଉଛନ୍ତି ବୋଲି ସାଧାରଣରେ କୁଣ୍ଡିବାକୁ ମିଳୁଛି ।

ବିଭିନ୍ନ ମନ୍ଦିରରୁ ସିରିଜ୍ ଚୋରି ଘଟଣାରେ ବାଲୁଗାଁ ପୋଲିସ୍ ପକ୍ଷରୁ ପ୍ରେସ୍ ନୋଟ

ତିଳିଜା/ବାଣପୁର, ୨୦/୦୨ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ପୋଲିସ୍ ଦ୍ୱାରା ବାଲୁଗାଁ ଅଂଚଳର ବିଭିନ୍ନ ଦେବାଦେବୀ ମନ୍ଦିରରୁ ଚୋରି ହୋଇଥିବା ମାମଲାରେ ବୁଜଭଣ ଅଭ୍ୟସ୍ତ ଅପରାଧୀଙ୍କୁ ଗିରଫ କରାଯାଇଛି । ଗତ ତା ୧୩/୧୪.୦୨.୨୦୨୬ ରିଖ ରାତ୍ରି ଭୋର ସମୟରେ ବାଲୁଗାଁ ଅଂଚଳରୁ ବିଭିନ୍ନ ଦେବାଦେବୀ ମନ୍ଦିରରୁ ରୂପାର ମୁକୁଟ ଓ ସୁନାର ଅଳଙ୍କାର ଚୋରି ହୋଇଥିଲା । ଘଟଣାରୁ ପ୍ରକାଶ ଯେ ଶୁକ୍ରବାର ଦିନଗତ ରାତିରେ ବାଲୁଗାଁ ଅଂଚଳରୁ ୮ଟି ମନ୍ଦିରରୁ ଚୋରି ହୋଇଯାଇଥିବା । ସରଳାପଦର ଗ୍ରାମର ମା' ଭଗରାୟଣୀ ମନ୍ଦିର, ସାନ୍ତରାପୁର ଦଧିମାନ ମନ୍ଦିର ଓ ହନୁମାନ ମନ୍ଦିର, ରୁପେଶ୍ୱର ଦେବ ମନ୍ଦିର, ଗାଦ୍ଦୀ ନଜରରେ ଥିବା ମନ୍ଦିର ଓ ବାଲୁଗାଁ କାଳିଜାଇ ପୋଖରୀ ନିକଟରେ ଅବସ୍ଥିତ ମା 'କାଳୀଜାଇ ମନ୍ଦିର ଏପରି ୮ଟି ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ବାନବାଣ୍ଡ ଟଙ୍କା ଦୁର୍ବୃତ୍ତି ମାନେ ଚୋରି କରି ଚମ୍ପଟ ମାରିଥିଲେ । ମା' ଭଗରାୟଣୀ ମନ୍ଦିରରୁ ରୂପା କିରିଟି, ରୂପା ଚିତା, ଦଧିବାମନ

ମନ୍ଦିରରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା, କିରିଟି, ଚିତା, ରୂପା କଇଁଶା, ବାଉଟି, ଚେଇନ ଆଦି ନାନା ଅଳଙ୍କାର ଚୋରି ହୋଇଥିଲା । ସବୁଦିନ ପରି ପୂଜାରୀ ପୂଜା କରି ମନ୍ଦିରରେ ତାଲା ମାରି ଯାଇଥିଲେ । କିନ୍ତୁ ସକାଳୁ ଆସି ଦେଖନ୍ତି ତ ସମସ୍ତ ମନ୍ଦିରର ତାଲା ଭଙ୍ଗା ହୋଇ ତଳେ ପଡିଛି ଏବଂ ବାନବାଣ୍ଡ ତାଲା ଭାଙ୍ଗା ଦେଇ ପଡିଛି । ଏ ସମ୍ପର୍କ ରେ ପୂଜାରୀ ମନ୍ଦିର ପରିଚାଳନା କମିଟିକୁ ଜଣେଇଲା ପରେ ବାଲୁଗାଁ ଥାନରେ ଲିଖିତ ଅଭିଯୋଗ କରିଥିଲେ । ବାଲୁଗାଁ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ କରି ଦୁଇଜଣ ଦୁର୍ବୃତ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି । ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ (୧) ପାପା ଅ କୃଷ୍ଣଚନ୍ଦ୍ର ବେହେରା, ବୟସ ୩୦ ବର୍ଷ, ଗ୍ରାମ -ପାଞ୍ଚାତା ସାହି, ଥାନା - ରାମ୍ପା, ଗଞ୍ଜାମ ଜିଲ୍ଲା । (୨) ମିଛେ ଅ ଦେବୀପ୍ରସାଦ ପ୍ରଧାନ, ବୟସ ୨୮ ବର୍ଷ , ଗ୍ରାମ - ପାଣ୍ଡବପଟଣା, ଥାନା - ନିରାକାରପୁର, ଖୋର୍ଦ୍ଧା ଜିଲ୍ଲା । ସେମାନଙ୍କ ଠାରୁ ଚୋରି ହୋଇଥିବା ସାମଗ୍ରୀ ଗୁଡ଼ିକ ହେଲା ଚୋରି କରିଥିବା ରୂପାର ମୁକୁଟ, ଲୁହାର ରଡ଼, କଳା ହାତମୋଜା, ବାର ଶହ ଟଙ୍କା ଓ ରାମ-ହନୁମାନ ଚିତ୍ର ଥିବା ଧାତୁର ମୁଦ୍ରା । ସେହି ଦୁଇଜଣ ଅଭିଯୁକ୍ତ ବାଲୁଗାଁ ଅଂଚଳର ଅନେକ ମନ୍ଦିରରେ ଚୋରି କରିଥିବା କଥା ସ୍ୱୀକାର କରିଛନ୍ତି । ଉଭୟ ଦୁଇଜଣ ଅଭିଯୁକ୍ତଙ୍କୁ କୋର୍ଟ ହାଜତକୁ ପଠାଇ ଦିଆଯାଇଛି । ଅନ୍ୟାନ୍ୟ ସହଯୋଗୀଙ୍କୁ ଧରିବା ପାଇଁ ତଦନ୍ତ ଚାଲିଛି ।

ନୂଆପଡାରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଓ ପୋଷଣ ସମୀକ୍ଷା ବୈଠକ ଅନୁଷ୍ଠିତ

ନୂଆପଡ଼ା, ୨୦/୦୨ (ଆ.ପ୍ର) : ନୂଆପଡ଼ା ଜିଲ୍ଲାପାଳଙ୍କ ସଭାଗୃହରେ ଆଜି ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଓ ପୋଷଣ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ

ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ଆରମ୍ଭରେ ସିଡିଏମଓ ଡାକ୍ତର ଧନେଶ୍ୱର ସେଠୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସେ କହିଲେ ଯେ ସ୍ୱାସ୍ଥ୍ୟ ଆଲାଙ୍କ୍ସାମୂଳକ ଜିଲ୍ଲା ପାଇଁ ଗୁରୁତ୍ୱପୂର୍ଣ୍ଣ ମାନକ ଅଟେ, ତେଣୁ ଏହି ମାନକରେ ଉତ୍କୃଷ୍ଟତା ଅର୍ଜନ ପାଇଁ ସମସ୍ତ ଅଧିକାରୀ ଏକତ୍ରିତ ଭାବେ କାମ କରିବା ଆବଶ୍ୟକ ।ଜିଲ୍ଲାପାଳ ମାତୃ ଓ ଶିଶୁ ମୃତ୍ୟୁହାରର ସମୀକ୍ଷା କରି ଏହାକୁ ଶୂନ୍ୟ ସ୍ତରକୁ ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ । ସିଡିଏମଓଙ୍କ ଅଧ୍ୟକ୍ଷତାରେ ଡାକ୍ତରମାନଙ୍କ ଦଳ ଦ୍ୱାରା ଆହ୍ୱାନରାଶି ଅଡିଟ୍ କରାଯିବାକୁ ସେ କହିଥିଲେ । ଚିକିତ୍ସାଜନିତ ଗର୍ଭପାତ ବିଶେଷଜ୍ଞମାନଙ୍କ ଏକ କମିଟି ଦ୍ୱାରା ସମୀକ୍ଷା ପରେ ଅନୁମୋଦନ ହେବା ଉଚିତ ବୋଲି ମଧ୍ୟ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ମା' ଓ ଶିଶୁ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ଜୋରଦାର କରିବାକୁ ଜିଲ୍ଲାପାଳ କହିଥିଲେ ଓ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ରୋଗୀ ଆଗମନ ବୃଦ୍ଧି କରି

ଦୈନିକ
ଆରମ୍ଭ
SEITHO ARAMBHA
ଶନିବାର, ୨୧ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

କମଳମତି ଶିଶୁଙ୍କ ଭବିଷ୍ୟତ ଗଛ ତଳେ

ଏରସମା, ୨୦/୦୨ (ଆ.ପ୍ର) : କମଳ ମତି ଶିଶୁଙ୍କ ଭବିଷ୍ୟତ ଗଛ ତଳେ । ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା, ଏରସମା ବ୍ଲକ, କୁଞ୍ଜକୋଠୀ ପଂଚାୟତ କୁଞ୍ଜକୋଠୀ ସରକାରୀ ଯୁକ୍ତି ଯୁପି ବିଦ୍ୟାଳୟରେ । ଦୁଇ ମାସ ତଳେ ମଧ୍ୟାହ୍ନ ଭୋଜନ ସମୟରେ ଛାତ୍ରୀ କଂକ୍ରିଟ୍ ଖସି ଶ୍ଳାବଖଣ୍ଡଙ୍କ ମୁଣ୍ଡ ଉପରେ ପଡି ଗୁରୁତର ଲୁହାହୋଇଥିଲା । ସ୍ଥାନୀୟ ବିଧାୟକ ସାଉଦା ପୃଶ୍ନ ଜେନା ତାଙ୍କ ନିଜ ପାଂଚିରୁ ଗୋଟିଏ ଘର କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ବ୍ଲକ ଶିକ୍ଷା ଅଧିକାରୀ ବା ଏରସମା ମଣ୍ଡଳୀ

ଭଳକୀୟ ଅଧିକାରୀ କାହାରୀ ନିଗାନାହିଁ । ପାଖେଇ ଆସୁଛି ପରୀକ୍ଷା ଗୋଟିଏ ଘରେ ସାତଟି ଶ୍ରେଣିର ପିଲାମାନେ ଏକାଠି ବସି ପଢିବା ସମ୍ଭବ ନୁହେଁ ସେଥିପାଇଁ ଘର ବାରଣ୍ଡାରେ ଏବଂ ଗଛ ତଳେ ପାଲ ଟାଙ୍ଗାଇ ସହ ମଶା ଲେ ପିଲା ମାନେ ବସିବା ସମ୍ଭବ ନୁହେଁ । ସେଥିପାଇଁ ଅଣ୍ଟା ଖୋଳକୁ ମଶା ଧୂପ ବେବହାର କରାଯାଉଛି । ଯାହାକି ପିଲାଙ୍କ ଦିହ ଖରାପ ହବାର ସମ୍ଭବନା ଅଧିକ ସେଥିପାଇଁ ସରକାରଙ୍କୁ ନିବେଦନ କରୁଛି ଜେତେ ଜଲଦି ଘର କାମ ଆରମ୍ଭ କଲେ ପିଲା ମାନେ ଠିକ ସେ ପଢି ପାରିବେ ଏବଂ ପିଲାମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ।

ଡ୍ରାଇଭର ଧରାପଡିଥିଲା ବେଳେ ଗାଡି ମାଲିକ ଖସିଗଲେ

ମାହାଙ୍ଗା, ୨୦/୦୨ (ଆ.ପ୍ର) : ଭଦ୍ରେଶ୍ୱର ଥାନା ଅଧିନସ୍ଥ ଗୋବିନ୍ଦପୁର (ଚାଣ୍ଡିଲ) ନିକଟରେ ବିନର୍ମିତ ରାସ୍ତାରେ ଏକ ଟ୍ରାକ୍ଟର ଡାଲା ଚୋରିହୋଇଥିଲା । ଟ୍ରାକ୍ଟର ମାଲିକ ଖବର ପାଇଁ ତୁରନ୍ତ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗର ମାତ୍ର ୩ ଘଣ୍ଟା ଭିତରେ ଥାନା ଅଧିକାରିଣୀ ସମ୍ବାରାଣୀ ସିଂ ଏକ ଛଦରେ ଟିମ୍ ଗଠନ କରି କେନ୍ଦୁପଡା ଜିଲ୍ଲା ଚେରାବିଶ୍ଚ ଅଂଚଳରୁ ଚୋରି ଟ୍ରାକ୍ଟର ଡାଲାକୁ ଜବତ କରିକା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସୂତ୍ରରୁ ପ୍ରାପ୍ତ ଯେ ଅଭିଯୁକ୍ତ ଜଣକ ଅଦ୍ୟାତପୁର ଗ୍ରାମର ଦୁର୍ଯ୍ୟୋଧନ ମଲିକଙ୍କ ପୁତ୍ର ଦାମୋଦର ମଲିକ ଓରଫ୍ ଚନ୍ଦନ । ସେ ଅଦ୍ୟୁତପୁର ଗ୍ରାମର ମୁରଲୀଧର ମାଲକଙ୍କ ପୁତ୍ର ରମାକାନ୍ତ ନାୟକଙ୍କ ଟ୍ରାକ୍ଟର ଡାଲା ଚୋରି କରିଥିଲେ । ଏବେ ସାଧାରଣରେ ଚର୍ଚ୍ଚା ହେଉଛି ଯେ ଯେଉଁ ଇଂଜିନ୍‌ରେ ଚୋରି ହୋଇଥିବା ଡବା ଲାଗିଥିଲା, ସେହି ଟ୍ରାକ୍ଟରର ମାଲିକଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି । ଭଦ୍ରେଶ୍ୱର ଥାନା କେସ୍ ନଂ୩୧/୨୬ରେ ଏକ ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ ଚଳାଇଥିଲା ବେଳେ ପ୍ରକୃତ ଗାଡି ମାଲିକଙ୍କୁ ଛେଡେ ପୋଲିସ ଧରିବ ସେ ନେଇ ସାଧାରଣରେ ଚର୍ଚ୍ଚା କୋହଦାର ଧରିଛି ।

ଶିଶୁ ଯତ୍ନ ଅନୁଷ୍ଠାନ ଏବଂ ଅଣଆନୁଷ୍ଠାନିକ ଯତ୍ନରେ ରହିଆସୁଥିବା ଶିଶୁମାନଙ୍କ ଦ୍ୱାରା ଆଇ ଏଚ ଏମ କ୍ୟାମ୍ପସ ଏବଂ ସାଇ ଏକ୍ସପର୍ଟ ପରିଦର୍ଶନ

ଖୋର୍ଦ୍ଧା, ୨୦/୦୨ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲାରେ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ରେ ରହିଆସୁଥିବା ଶିଶୁ ମାନଙ୍କ ମଧ୍ୟରୁ ଯେଉଁ ମାନେ ଯୁକ୍ତ ବୁଲ ଏବଂ ଯୁକ୍ତ ତିନି ରେ ଅଧ୍ୟୟନ କରୁଛନ୍ତି ତତ୍ ସହିତ ଅଣ ଆନୁଷ୍ଠାନିକ ଯତ୍ନର ସେବା ଯଥା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ମୁଖପୋଷକିୟ ସହାୟତା, ଆଶ୍ରିତାଦ ଏବଂ ଗ୍ରୀନ ପ୍ୟାସେଜରୁ ସହାୟତା ପାଉଥିବା ପିଲାମାନେ ସେମାନଙ୍କର ଭବିଷ୍ୟତ ପାଇଁ ଆଜି ଜିଲ୍ଲାପାଳ ଖୋର୍ଦ୍ଧାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଖୋର୍ଦ୍ଧା ଆନୁକୂଲ୍ୟରେ ଲୁଚେନେଶ୍ୱର ସ୍ଥିତ ଆଇଏଚଏମ ଏବଂ ଜଟଣୀ ସ୍ଥିତ ସାଇ ଏକ୍ସପର୍ଟ୍ ପରିଦର୍ଶନ କରିବା ସହିତ ବିଭିନ୍ନ ବିଭାଗ ପରିଦର୍ଶନ କରିଛନ୍ତି । ଆଇଏଚଏମର ଅଧ୍ୟକ୍ଷ



ସାଗରୀ ଘୋଷ ଏହି ପିଲାମାନଙ୍କୁ ସ୍ୱାଗତ କରିବା ସହିତ ଏହି ବୟସରେ ସାଧାରଣଭଳି ପିଲାମାନଙ୍କ ଦିଗହରା ହୋଇଯାଆନ୍ତି ଯାହାଫଳରେ ସେମାନେ ତାଙ୍କ ଲକ୍ଷ୍ୟରେ ପହଂଚି ପାରନ୍ତି ନାହିଁ ଏବଂ ପିତା ମାତା ଓ ସମାଜ ଉପରେ ବୋଝ ହୋଇ ରହି ଯାଆନ୍ତି । ଛୋଟେଲ ମ୍ୟାନେଜମେଂଟ କୋର୍ସ କରି କିପରି ସ୍ୱାବଲମ୍ବୀ ହୋଇପାରିବେ ଆଇ ଏଚ୍ ଏମ ର ପରାମର୍ଶଦାତା ଅବିନାଶ ଦାଶ ଏବଂ ପରାମର୍ଶଦାତ୍ରି କ୍ୟୋତିର୍ମୟୀ ପଣ୍ଡା ସଚେତନ କରାଇଥିଲେ । ଏହି ପରିଦର୍ଶନ ରେ ଅତିରିକ୍ତ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ବାସ୍ତ୍ରୀଶ୍ରୀ ଦାଶ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଖୋର୍ଦ୍ଧାର ସାମାଜିକ କର୍ମୀ ରଞ୍ଜନ କୁମାର ଗୋଛାୟତ, ପରାମର୍ଶଦାତ୍ରୀ ମନସ୍ୱିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଅପରାହ୍ନ ରେ ପିଲାମାନ ଜଟଣୀ ସ୍ଥିତ ସାଇ ଏକ୍ସପର୍ଟ୍ ପରିଦର୍ଶନ କରିଥିଲେ । ଏଠାରେ ଉଲ୍ଲେଖ ଥାଉ କି ଏହି ପରିଦର୍ଶନ କାର୍ଯ୍ୟକ୍ରମ ରେ ମୋଟ୍ ୨୨ ଜଣ ପିଲା ଯୋଗ ଦେଇଥିଲେ ।

ଗଜପତି ଜିଲ୍ଲାରେ ବୋର୍ଡ ପରୀକ୍ଷା ଦେଉଛନ୍ତି ମୋଟ ୮୪୫୮ ଜଣ ଛାତ୍ରଛାତ୍ରୀ

ପାରଳାଖେମୁଣ୍ଡି, ୨୦/୦୨ (ଆ.ପ୍ର) : ଗଜପତି ଜିଲ୍ଲାରେ ଆଜିଠାରୁ ଆରମ୍ଭ ହୋଇଛି ବାର୍ଷିକ ମାଟ୍ରିକ ବୋର୍ଡ ପରୀକ୍ଷା । ଜିଲ୍ଲାରେ ଚଳିତ ବର୍ଷ ୪୦ଟି ପରୀକ୍ଷା କେନ୍ଦ୍ରରେ ମୋଟ ୮ହଜାର

୪୫୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି । ସେଥିମଧ୍ୟରୁ ଜିଲ୍ଲାରେ ଥିବା ଏହି ୪୦ ଟି ପରୀକ୍ଷା କେନ୍ଦ୍ରରେ ଚଳିତ ବର୍ଷର ବାର୍ଷିକ ମାଟ୍ରିକ ବୋର୍ଡ ପରୀକ୍ଷାର୍ଥୀ ଭାବେ ୮ ହଜାର ୧୧୬ ଜଣ ଛାତ୍ରଛାତ୍ରୀ ରେଗୁଲାର ଏବଂ ୧୮ ଜଣ ଏକରେଗୁଲାର ପରୀକ୍ଷା ଦେଉଥିବା ବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟ କେନ୍ଦ୍ର ପକ୍ଷରୁ ଫ୍ରେସ ଭାବେ ୨୫୯ ଜଣ ଏବଂ ବେକ୍ ଭାବେ ୧୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି । ସେହିଭଳି ସି ସି ରେଗୁଲାର ରେ ୧୯ ଜଣ ପରୀକ୍ଷା ଦେଉଛନ୍ତି । ଏଥିପାଇଁ ଜିଲ୍ଲାରେ ୪ ଟି ନୋଡାଲ ସେଂଟର ଯଥା:- ଗୋଷ୍ଠାଣୀ ବୁଲର ପାରଳାଖେମୁଣ୍ଡି ସିଏମ-ଶ୍ରୀ ମହାରାଜାଙ୍କ ବାଳକ ଛାତ୍ର ବିଦ୍ୟାଳୟ ଅଧୀନରେ ୧୫ ଟି ପରୀକ୍ଷା କେନ୍ଦ୍ରରେ ୬୨ ଟି ହାଇସ୍କୁଲର ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ବେଳେ ଏଠାରେ ୪ ଟି ଡେଶପାଚ ଟିମ୍ ରହିଛନ୍ତି । ସେହିଭଳି ରାୟଗଡ଼ ସ୍ଥିତ ନୋଡାଲ ସେଂଟର ପିଏମ-ଶ୍ରୀ ସରକାରୀ ଛାତ୍ର ବିଦ୍ୟାଳୟ ଅଧୀନରେ ଥିବା ୮ ଟି ପରୀକ୍ଷା କେନ୍ଦ୍ରରେ ୨୯ଟି ହାଇସ୍କୁଲର ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି ଏବଂ ଏଠାରେ ୨ ଟି ଡେଶପାଚ ଦଳ ରହିଛନ୍ତି । ସେହିଭଳି ଆର: ଉଦୟଗିରି ସ୍ଥିତ ନୋଡାଲ ସେଂଟର ସରକାରୀ ଛାତ୍ର ବିଦ୍ୟାଳୟ ଅଧୀନରେ ଥିବା ୭ ଟି ପରୀକ୍ଷା କେନ୍ଦ୍ରରେ ୩୦ ଟି ହାଇସ୍କୁଲର ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି ଏବଂ ଏଠାରେ ୨ ଟି ଡେଶପାଚ ଦଳ ରହିଛନ୍ତି । ସେହିଭଳି ମୋହନା ସ୍ଥିତ ନୋଡାଲ ସେଂଟର ସରକାରୀ ଏସଏସଡି ହାଇସ୍କୁଲ ଅଧୀନରେ ଥିବା ୧୦ ଟି ପରୀକ୍ଷା କେନ୍ଦ୍ରରେ ୪୦ ଟି ହାଇସ୍କୁଲର ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି ଏବଂ ଏଠାରେ ୩ ଟି ଡେଶପାଚ ଦଳ ରହିଛନ୍ତି । ସମସ୍ତ ମୋଟ ୪୦ଟି ପରୀକ୍ଷା କେନ୍ଦ୍ର ଗୁଡିକରେ ଆଜିର ଥିବା ଫାଷ୍ଟ ଲାଙ୍ଗୁଏଜ୍ ପରୀକ୍ଷା ଶାନ୍ତିଶୃଙ୍ଖଳା ସହ ପରିଚାଳନା ହୋଇଛି । ପରୀକ୍ଷା ପରିଚାଳନା ତଦାରଖ କରିବା ପାଇଁ କେନ୍ଦ୍ର ପୁପରିଣ୍ଟେଣ୍ଡେଣ୍ଟଙ୍କୁ ନିଯୁକ୍ତି ଦିଆହୋଇଛି । ସଠିକ ଭାବେ ପରୀକ୍ଷା ପରିଚାଳନା ସୁନିଶ୍ଚିତ କରିବା ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି । ସୁରକ୍ଷା ତଦାରଖ ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସି ଟିଭି କ୍ୟାମେରା ସ୍ଥାପନ କରାଯାଇଛି । ଛାତ୍ରଛାତ୍ରୀଙ୍କ ପ୍ରବେଶକୁ ସହଜ କରିବା ପାଇଁ ଚାରୋଟି ନୋଡାଲ୍ ପରୀକ୍ଷା କେନ୍ଦ୍ର ମାଧ୍ୟମରେ ସମସ୍ତ ପରୀକ୍ଷା କେନ୍ଦ୍ରକୁ ଡିଆର ଏବଂ ଆଡମିଟ୍ କାର୍ଡ ବଂଟନ କରାଯାଇଛି । ବୋର୍ଡ ଅଧିକାରୀଙ୍କ ଠାରୁ ପ୍ରଶ୍ନପତ୍ର ଗ୍ରହଣ କରାଯିବା ପରେ ସେ ସବୁକୁ ଚାରୋଟି ନୋଡାଲ୍ କେନ୍ଦ୍ରର ଷ୍ଟ୍ରଙ୍ଗ ରୁମରେ ସୁରକ୍ଷିତ ଭାବେ ରଖା ଯିବା ବ୍ୟବସ୍ଥା କରାଯାଇଛି । ପୋଲିସ ଏଣ୍ଟର୍ଟ ଦ୍ୱାରା ସମର୍ଥିତ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପ୍ୟାକେଟ ଗୁଡ଼ିକର ସୁରମ୍ଭ ବିତରଣ ପାଇଁ ଯାନବାହାନ ସହିତ ଏଗାରଟି ଡି ସସ୍ୟାଚ୍ ଟିମ୍ ସଂଗଠିତ କରାଯାଇଛି । ସୁରକ୍ଷା ପାଇଁ ପରୀକ୍ଷା ଦିନ ଗୁଡ଼ିକରେ ଚାରୋଟି ନୋଡାଲ୍ କେନ୍ଦ୍ର ଏବଂ ସମସ୍ତ ୪୦ ଟି ପରୀକ୍ଷା କେନ୍ଦ୍ରରେ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି । ପରୀକ୍ଷା ପ୍ରକ୍ରିୟାକୁ ପ୍ରଭାବଶାଳୀ ଭାବରେ ତଦାରଖ କରିବା ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ରରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ମଧ୍ୟ ନିଯୁକ୍ତ କରାଯାଇଛନ୍ତି ବିଭାଗୀୟ ସୂତ୍ରରୁ ଜଣାଯାଇଛି ।

ଏଆଇ ଓ ଡିପ୍ଟେକ୍ ଷ୍ଟାର୍ଟଅପ୍ ସିଇଓମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଗୋଲଟେବୁଲ ବୈଠକ

ନୂଆଦିଲ୍ଲୀ, ୨୦/୦୨ (ପି.ଆଇ.ବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସେବା ତୀର୍ଥରେ ଏଆଇ ଏବଂ ଡିପ୍ଟେକ୍ ଷ୍ଟାର୍ଟଅପ୍ ସିଇଓମାନଙ୍କ ସହିତ ଏକ ଗୋଲଟେବୁଲ ବୈଠକ କରିଛନ୍ତି । ଗୋଲଟେବୁଲରେ ଅଂଶଗ୍ରହଣ କରିଥିବା ଷ୍ଟାର୍ଟଅପ୍‌ଗୁଡ଼ିକ ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକରେ ଜନସଂଖ୍ୟାସ୍ତରୀୟ ଆହ୍ୱାନଗୁଡ଼ିକର ସମାଧାନ କରୁଛନ୍ତି । ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ, ସେମାନେ ଭନ୍ନତ ନିବାନ, ଜିନ୍ ଥେରାପି ଏବଂ ଶେଷ ମାଇଲ ପର୍ଯ୍ୟନ୍ତ ଗୁଣାତ୍ମକ ସେବା ଯୋଗାଇବା ନିମନ୍ତେ ପ୍ରାଇଟ ରୋଗୀ ରେକର୍ଡ ପରିଚାଳନା ଲାଗି ଏଆଇ ବ୍ୟବହାର କରୁଛନ୍ତି । କୃଷିରେ ସେମାନେ ଉତ୍ପାଦକତା ବୃଦ୍ଧି ଓ ଜଳବାୟୁ ବିପଦର ମୁକାବିଲା ପାଇଁ ବୁଦ୍ଧିମାନ ଏବଂ ସାଶ୍ରୟୀ ବ୍ୟବହାର କରୁଛନ୍ତି । ଏହି ଗୋଷ୍ଠୀରେ ସାଇବର ସୁରକ୍ଷା, ଜେନିରେଟିଭ ଏଆଇ, ମହାକାଶ, ଶିକ୍ଷା ଓ ନ୍ୟାୟିକ ସେବାରେ ଆଂଚଳିକ ଭାଷାର ବ୍ୟବହାର ଦ୍ୱାରା ସାମାଜିକ ସଶକ୍ତୀକରଣ ଏବଂ ଶିଳ୍ପ

ଉତ୍ପାଦକତାକୁ ସୁଦୃଢ କରିବା ପାଇଁ ପାରାମର୍ଶିକ ବ୍ୟବସ୍ଥାର ଆଧୁନିକୀକରଣ ଉପରେ କେନ୍ଦ୍ରିତ ଷ୍ଟାର୍ଟଅପମାନେ ଅନ୍ତର୍ଭୁକ୍ତ ଥିଲେ । ମିଳିତଭାବେ ସେମାନେ ଏକ ଇକୋସିଷ୍ଟମର ପ୍ରତିନିଧିତ୍ୱ କରୁଛନ୍ତି ଯାହାକି ସ୍ଥାନୀୟ ଆବଶ୍ୟକତାକୁ ପୂରଣ କରିବା ସହ ଏଆଇ-ଚାଳିତ ନବସୃଜନରେ ବିଶ୍ୱ ନେତୃତ୍ୱ ନିର୍ମାଣ କରୁଛି । ଏଆଇ ଷ୍ଟାର୍ଟଅପ୍‌ଗୁଡ଼ିକ କୃତ୍ରିମ ବୁଦ୍ଧିମତା ଇକୋସିଷ୍ଟମକୁ ସୁଦୃଢ କରିବା ପାଇଁ ଭାରତର ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ । ସେମାନେ ଏହି କ୍ଷେତ୍ରରେ ଦ୍ରୁତ ପ୍ରଗତି ଏବଂ ଅପାର ସମ୍ଭାବନା ଉପରେ ଆଲୋକପାତ କରି ପ୍ରକାଶ କରିଥିଲେ ଯେ ଏଆଇ ନବସୃଜନର ବିଶ୍ୱ ଗତି କ୍ରମଶଃ ଭାରତ ଆଡକୁ ଗତି କରୁଛି । ସେମାନେ କହିଥିଲେ ଯେ ଦେଶ ଏବେ ଏଆଇ ପ୍ରଗତି ପାଇଁ ଏକ ସହାୟକ ଏବଂ ଗତିଶୀଳ ପରିବେଶ ପ୍ରଦାନ କରୁଛି, ବିଶ୍ୱ ଏଆଇ ପ୍ରେକ୍ଷାପଟ୍ଟରେ ନିଜର ଉପସ୍ଥିତିକୁ ଦୃଢ଼ ଭାବରେ ପ୍ରତିଷ୍ଠା କରୁଛି । ସେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀକୁ ମଧ୍ୟ ପ୍ରଶଂସା କରିଥିଲେ, ଏହାକୁ ଏଆଇ ସମ୍ବନ୍ଧୀୟ ବିଶ୍ୱ ଆଲୋଚନାକୁ ଆକାର ଦେବାରେ ଦେଶର ବର୍ଦ୍ଧିତ ପ୍ରତିଷ୍ଠାର ପ୍ରତିଫଳନ ବୋଲି କହିଥିଲେ । ବଡ଼ ବଡ଼ ରିସ୍କ ନେବା ଏବଂ ପ୍ରଭାବଶାଳୀ ସମାଧାନ ସୃଷ୍ଟି କରିବା ପାଇଁ ଉତ୍ସାହକମାନଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ । ବିଭିନ୍ନ କ୍ଷେତ୍ର ଯେପରିକି କୃଷି ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ବିଶେଷଜ୍ଞରି ଫସଲ ଉତ୍ପାଦକତା ତଦାରଖ, ସାର ବ୍ୟବହାରଉପାଗୁ ଆରମ୍ଭ କରି ମୃତିକା ସ୍ୱାସ୍ଥ୍ୟରକ୍ଷା ଆଦିରେ ଏଆଇ ପ୍ରଯୁକ୍ତିର ବ୍ୟବହାର ସମ୍ଭାବନା ଉପରେ ସେ ଆଲୋଚନା କରିଥିଲେ । ଭାରତୀୟ ଭାଷା ଓ ସଂସ୍କୃତିର ପ୍ରୋତ୍ସାହନ ଲାଗରେ ଗୁରୁତ୍ୱ ଦେଇ ସେ ମାତୃଭାଷାରେ ଭାଇଶିକ୍ଷା ପ୍ରଦାନ ନିମନ୍ତେ ଏଆଇର ବ୍ୟବହାର ଲାଗି ଆହ୍ୱାନ କରିଥିଲେ । ପ୍ରଧାନମନ୍ତ୍ରୀ ଦୃଢ଼ ଡାଟା ପ୍ରଶାସନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ଭୁଲ ସୂଚନା ବିରୁଦ୍ଧରେ ଚେତାବନୀ ଦେଇଥିଲେ ଏବଂ ଭାରତର ଆବଶ୍ୟକତା ଅନୁସାରୀ ସମାଧାନ ବିକଶିତ କରିବାକୁ ଅନୁରୋଧ କରିଥିଲେ । ଯୁପିଆଇକୁ ସରକ ଏବଂ ବିଶ୍ୱାସଯୋଗ୍ୟ ଡିଜିଟାଲ୍ ନବସୃଜନର ଏକ ମଡେଲ୍ ଭାବରେ ବର୍ଣ୍ଣନା କରି, ସେ ଭାରତୀୟ ଜମ୍ପାନୀଗୁଡ଼ିକ ଉପରେ ବିଶ୍ୱାସ ପ୍ରକାଶ କରିଥିଲେ ଏବଂ ସ୍ଥାନୀୟ ଉତ୍ପାଦଗୁଡ଼ିକ ଉପରେ ଭରସା ପ୍ରକାଶ କରିଥିଲେ । ସେ ମହାକାଶ କ୍ଷେତ୍ରରେ ଘରୋଇ ଭାଗୀଦାରିତା ବୃଦ୍ଧି ବିଷୟରେ ମଧ୍ୟ କହିଥିଲେ ଏବଂ ଭାରତୀୟ ଷ୍ଟାର୍ଟଅପ୍ ପ୍ରତି ଦୃଢ଼ ନିବେଶଙ୍କର ଆଗ୍ରହ ଉଲ୍ଲେଖ କରିଥିଲେ । ଏହି ବୈଠକରେ ଏଣ୍ଟ୍ରିକ୍, ଅବ୍ଦାଲତ ଏଆଇ, ଡ୍ରେନସାଇଟ୍ ଏଆଇ, ଗ୍ଲେଡୋ ଏଆଇ, ଏକ୍ସା ଜେୟାର, ଗ୍ରିନ୍, ଇନୋଗଲ, ଇନଲିଡିଓ, ମିକୋ, ଓରିଜିନ୍, ପ୍ରୋଫେକ୍, ରାସେନ୍, ରୁଡ୍ରିକ୍, ସାଟଚେଥୋ, ସୁପରନୋଭା ଏବଂ ସାଇଫା ଏଆଇର ସିଇଓ ଏବଂ ପ୍ରତିଷ୍ଠାତାମାନେ ଉପସ୍ଥିତ ଥିଲେ । ମୁଖ୍ୟ ସଚିବ ପି. କେ. ମିଶ୍ର, ମୁଖ୍ୟ ସଚିବ-୨ ଶକ୍ତିକାନ୍ତ ଦାସ ଏବଂ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ ।

ଗଞ୍ଜେଇ ଚୋରା ଚାଲାଣ ଘଟଣାରେ ଜଣେ ଗିରଫ

ଦଶପଲ୍ଲା, ୨୦/୦୨ (ଆ.ପ୍ର) : ଗଞ୍ଜେଇ ଚୋରା ଚାଲାଣ ବେଳେ ୧. ୩୫ କୁଇଂଟାଲ ଗଞ୍ଜେଇ ସହ ଏକ କାର୍ ଜବତ ଘଟଣାର ବହୁ ଦିନ ପରେ ଦଶପଲ୍ଲା ପୋଲିସକୁ ବଡ ଧରଣର ସଫଳତା ମିଳିଛି । ୨୦୨୧ ମସିହାରେ ପୋଲିସ କେସ ନଂ ୪୫/୨୧ ରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିଲା । ଘଟଣାରେ ଫେରାର ଥିବା ଭୁବନେଶ୍ୱର ନୟାପଲ୍ଲୀ ଅଂଚଳର ଜିତିନ ପାତ୍ର ନାୟକ (୩୫ ବର୍ଷୀୟ) ଦଶପଲ୍ଲା ପୋଲିସ ଗିରଫ କରିଥିବା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ପ୍ରକାଶ କରିଛନ୍ତି । ଯେତେ ପୁରୁଣା କେସ ହେଉନା କାହିଁକି ତଦନ୍ତ କରି ଦୋଷୀକୁ ଦଣ୍ଡ ଦେଉଥିବାରୁ ଦଶପଲ୍ଲା ବାସି ଧନ୍ୟବାଦ ଜଣାଇଛନ୍ତି ।



ବରିଷ୍ଠ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନଙ୍କୁ ମିଳିଲା ଲୋକ ରତ୍ନ ସମ୍ମାନ

ଜଗତସିଂହପୁର, ୨୦/୦୨ (ଆ.ପ୍ର) : ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଆଶ୍ରମପାଟଣାସ୍ଥିତ ବିଜୁ ପଟ୍ଟନାୟକ ମାହାବିଦ୍ୟାଳୟର ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନଙ୍କୁ



୨୦୨୫ ମସିହା ପାଇଁ ଲୋକ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି । ଜାତୀୟ ମାନବାଧିକାର ସାମାଜିକ ନ୍ୟାୟ ପରିଷଦ ତରଫରୁ ଆଜିପିଜିଲସ୍ଥିତ ବାଲିଗାଇ ଠାରେ ଏହାର ଜିଲ୍ଲା ସଭାପତି ହେମନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏହାର ଜାତୀୟ ସାଧାରଣ ସମ୍ପାଦିକା ସମିତା ମୁଖାର୍ଜୀ, ମୁଖ୍ୟ ବକ୍ତା ଭାବେ ଏହାର ରାଜ୍ୟ ଚେୟାରପର୍ସନ ସ୍ୱର୍ଣ୍ଣମୟୀ ରାଉତ, ସମ୍ମାନିତ ଅତିଥି ଭାବେ ଓଡିଶା ସାମ୍ବାଦିକ ସମିତ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମାହାରଣା, ରାଜ୍ୟ ଉପସଭାପତି ଶୁଭ୍ରଶୁଭ୍ରଜିତ ଦାସ, ସମ୍ପାଦକ ନୃସିଂହ ଚରଣ ମାନସିଂହ, ଜାତୁର ସୌଦାମିନୀ ଦାସ, ଟି.ବିନୟ ରାଓ, ଅଧିବକ୍ତା ଅନନ୍ତର୍ଯାମୀ ବଡୁ, ସମ୍ପାଳ ସେବୀ ଭଗବାନ ସ୍ୱାଇଁ, ବିଭିନ୍ନ ଜିଲ୍ଲାର ସଭାପତି ଏବଂ ସମ୍ପାଦକ ଆଦି ଯୋଗ ଦେଇ ଲୋକମାନଙ୍କ ମୌଳିକ ଅଧିକାର ଯେପରି ଖୁର୍ବ୍ବ ନ ହେବ ସେଥିପ୍ରତି ସଂଗଠନ ସଜାଗ ରହିବା ସହିତ ସୁଦୃଢ କରିବା ପାଇଁ ମତବ୍ୟକ୍ତ କରିଥିଲେ । ବରିଷ୍ଠ ଅଧ୍ୟକ୍ଷା ଅନନ୍ତର୍ଯାମୀ

ଦୈନିକ
ଆରମ୍ଭ
SEITHO ARAMBHA
ଶନିବାର, ୨୧ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ମହିଳା ଏସିଆ କପ ରାଇଜିଂ ଷ୍ଟାର; ଦ୍ୱିତୀୟ ଥର ଫାଇନାଲରେ ଭାରତ ଏ

ନୂଆଦିଲ୍ଲୀ, ୨୦/୨(ନ୍ୟୁ.ଏ): ମହିଳା ଏସିଆ କପ୍ ରାଇଜିଂ ଷ୍ଟାର ୨୦୨୬ର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଭାରତ-ଏ ଏବଂ ଶ୍ରୀଲଙ୍କା-ଏ ମଧ୍ୟରେ ଖେଳାଯାଇଥିଲା । ଭାରତ ଏହି ମ୍ୟାଚକୁ ଜିତି ଫାଇନାଲ ଟିକେଟ୍ ହାତେଇଛି । ବ୍ୟାଙ୍କର ଡେଟୋଲା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚରେ ଭାରତୀୟ-ଏ ଦଳ ଶ୍ରୀଲଙ୍କାକୁ ୫ ଉିକେଟରେ ପରାସ୍ତ କରି ଲଗାତାର ଦ୍ୱିତୀୟ ଫାଇନାଲରେ ଏଂଟ୍ରୀ କରିଛି । ବମ୍ବାଇର ବୋଲିଂ କଳିଥିବା ଅଧିନାୟକ ରାଧା ଯାଦବ ଏହି ମ୍ୟାଚରେ ଟିମ୍ ଇଣ୍ଡିଆର ବିଜୟର ହିରୋ ଥିଲେ ସେମିଫାଇନାଲ ମ୍ୟାଚ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରିଥିଲା । ଶ୍ରୀଲଙ୍କାର 'ଏ' ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା, କିନ୍ତୁ ଭାରତୀୟ ବୋଲର ଶ୍ରୀଲଙ୍କା ବ୍ୟାଟରଙ୍କୁ ଘାଇଲା କରିଥିଲେ । ଶ୍ରୀଲଙ୍କା ଦଳ ୧୯.୪ ଓଭରରେ ମାତ୍ର ୧୧୮ ରନ୍ରେ ଅଲଆଉଟ୍ ହୋଇଯାଇଥିଲା । ସଞ୍ଜନା କାଲିଣ୍ଡି ୩୫ ବଲ୍‌ରେ ସର୍ବାଧିକ ୩୧ ରନ୍ କରିଥିଲେ । ଶଶିନି ଗିମ୍ହାନି ମଧ୍ୟ ୧୭ ବଲ୍‌ରେ ୨୨ ରନ୍‌ର ଦ୍ରୁତ ଇନିଂସ ଖେଳିଥିଲେ । ହଂସିମା କରୁଣାରତ୍ନେ ୧୪ ରନ୍ ଏବଂ ସତ୍ୟା ସାନିପାନି ୧୫ ରନ୍ର ପାଳି ଖେଳିଥିଲେ ।ଏହି ସମୟରେ, ଭାରତୀୟ ଅଧିନାୟକ ରାଧା ଯାଦବ ମ୍ୟାଚ୍‌ରେ ସର୍ବୋଚ୍ଚ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ । ସେ ୩.୪ ଓଭରରେ ୧୯ ରନ ଦେଇ ୪ ଉିକେଟ୍ ନେଇଥିଲେ । ପ୍ରେମା ରାୱତ ୪ ଓଭରରେ ମାତ୍ର ୯ ରନ ଦେଇ ୨ ଉିକେଟ୍ ନେଇଥିଲେ । ତନୁଜା କନଷ୍ଟାର ମଧ୍ୟ ୨ ଉିକେଟ୍ ନେଇଥିଲେ, ଯାହା ଶ୍ରୀଲଙ୍କାକୁ ୧୨୦ ରନ ବି କରିବାକୁ ଦେଇନଥିଲା । ୧୧୮ ରନରେ ସୀମିତ ରହିଥିଲା । ଭାରତ ସହଜରେ ଲକ୍ଷ୍ୟ ହାସଲ କରିଥିଲା- କବାଦରେ ୧୧୯ ରନର ବିଜୟ ଲକ୍ଷ୍ୟ ଭାରତ ସହଜରେ ହାସଲ କରି ନେଇଥିଲା । ଭାରତୀୟ ଦଳ ତାର ଇନିଂସରେ ବମ୍ବାଇର ଆରମ୍ଭ କରିଥିଲା । ଗୁଦା ବିନେଶ ୨୦ ବଲ୍ ରେ ୮ ଚୌକା ସହିତ ୪୨ ରନ୍ କରିଥିଲେ ।ଅନୁଷ୍ଠା ଶର୍ମା ମଧ୍ୟ ୧୮ ବଲ୍ ରେ ୨୭ ରନ୍ କରିଥିଲେ । ଅଧିନାୟିକା ରାଧା ଯାଦବ ୩୧ ରନ୍ କରି ଅପରାଜିତ ରହିଥିଲେ । ଯାହା ଫଳରେ ଭାରତ ୧୩.୩ ଓଭରରେ ୩ ଉିକେଟ୍ ହରାଇ ଲକ୍ଷ୍ୟ ହାସଲ କରି ନେଇଥିଲା ।

ରଣଜୀ ଟ୍ରଫି ଟକ୍କର, ୨୪ରୁ କର୍ଣ୍ଣାଟକ-ଜମ୍ମୁ ଓ କାଶ୍ମୀର ମୁକାବିଲା

ନୂଆଦିଲ୍ଲୀ, ୨୦/୨(ନ୍ୟୁ.ଏ):ଚଳିତ ରଣଜୀ ଟ୍ରଫିର ଫାଇନାଲ୍ ଲାଇନ୍ ବୃତ୍ତାକ୍ତ ହୋଇଛି । ଆସନ୍ତା ୨୪ ତାରିଖରୁ କର୍ଣ୍ଣାଟକ ଓ ଜମ୍ମୁ ଓ କାଶ୍ମୀର ମଧ୍ୟରେ ଫାଇନାଲ୍ ମୁକାବିଲା ଖେଳାଯିବ । ଏହି ମ୍ୟାଚ୍ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ପରିବର୍ତ୍ତେ ବୁବନି ସ୍ଥିତ କେଓଏସିଏ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ । କର୍ଣ୍ଣାଟକ ଓ ଉତରାଖଣ୍ଡ ମଧ୍ୟରେ ଅনুষ্ঠিত ପ୍ରଥମ ସେମି ଫାଇନାଲ୍ ଡ୍ର'ରେ ଶେଷ ହୋଇଥିଲା । ମାତ୍ର ପ୍ରଥମ ଇନିଂସ୍ ଅଗ୍ରଣୀ ଭିତ୍ତିରେ କର୍ଣ୍ଣାଟକ ଫାଇନାଲ୍‌ରେ ସ୍ଥାନ ପକ୍ସା କରିଥିଲା । କର୍ଣ୍ଣାଟକ ଦଳ ୧୫ ଥର ପାଇଁ ରଣଜୀ ଟ୍ରଫି ଫାଇନାଲ୍ ଖେଳିବାକୁ ଯାଇଛି । ଶେଷ ଥର କର୍ଣ୍ଣାଟକ ୨୦୧୪-୧୫ ସିଜନରେ ଫାଇନାଲ୍ ଖେଳିଥିଲା ଏବଂ ତାମିଲ୍ ଥର ହୋଇଥିଲା । କର୍ଣ୍ଣାଟକ ଓ ଉତରାଖଣ୍ଡ ସେମି

ମୁକାବିଲାରେ ଚତୁର୍ଥ ଦିବସ ଶେଷ ସୁଦ୍ଧା କର୍ଣ୍ଣାଟକର ବିଜୟ କିମ୍ବା ଡ୍ରୋ ହୋଇଯାଇଥିଲା । ଗୁରୁବାର ଅନ୍ତିମ ଦିବସରେ କର୍ଣ୍ଣାଟକ ଦ୍ୱିତୀୟ ଇନିଂସ୍ ୬୬୨ ରନ୍‌ରେ ବ୍ୟାଟିଂ ଆରମ୍ଭ କରି ୩୨୩ ରନ୍ ଅଲ୍ ଆଉଟ୍ ହେବା ସହ ଉତରାଖଣ୍ଡ ସାମ୍ନାରେ ୮୨୭ରନ୍‌ର ବିଶାଳ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଦଳ ପକ୍ଷରୁ ଲୋକେଶ ରାହୁଲ ୮୬ରନ୍ କରି ଅପରାଜିତ ରହିଥିଲେ । ୮୨୭ରନ୍‌ର ବିଶାଳ ଲକ୍ଷ୍ୟ ନେଇ ଉତରାଖଣ୍ଡ ବ୍ୟାଟିଂ ଆରମ୍ଭ କରି ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ୧୫୬ରନ୍ ମଧ୍ୟରେ ଦଳ ୬ଟି ଉିକେଟ୍ ହରାଇଥିଲା । ପ୍ରାୟାନ୍ତ ଗୋପ୍ରୀଖାତା ଖେଳିଯାଗି ନଥିବାବେଳେ ଲୁପେନ ଲାଲଖିଲି ୧୫, ଲକ୍ଷ୍ୟ ରାମଚନ୍ଦାନୀ ୧୦, ଜଗଦୀଶ ସୁଚିଥ୍ ୧୯, ଅବନୀଶ ସୁଧା ୬୬, କୁନାଲ ଚାଣ୍ଡେଲା ୨୦ ରନ୍ କରି ଆଉଟ୍ ହୋଇଥିଲେ । ମଧ୍ୟକ୍ରମରେ ଶୌରଭ ରାୱତ ଓ ଅଭୟ ନେଗି ଦୃଢ଼ ବ୍ୟାଟିଂ କରି ଅର୍ଦ୍ଧଶତକ ଅର୍ଜନ କରିଥିଲେ । ଉଭୟ ଦଳୀୟ ସ୍କୋରକୁ ୬/୨୬୦ରେ ପହଂଚାଇବା ପରେ ଉଭୟ ଦଳର ଅଧିନାୟକଙ୍କ ସମ୍ମତିକ୍ରମେ ମ୍ୟାଚକୁ ଡ୍ର' ଘୋଷଣା କରାଯାଇଥିଲା । ରାୱତ ୫୩ (୪ଚୌକା, ୨ଛକା) ଓ ଅଭୟ ୫୭ (୫ଚୌକା, ୩ଛକା) ରନ୍ କରି ଅପରାଜିତ ଥିଲେ । କର୍ଣ୍ଣାଟକର ଶ୍ରେୟସ ଗୋପାଳ ୩ଟି ଉିକେଟ୍ ନେବା ସହ ପ୍ରଥମ ଶ୍ରେଣୀ କ୍ରିକେଟରେ ୩୦୦ ଉିକେଟ୍ ପୂରଣ କରିଥିଲେ ।

ଗଗନଯାନ ପାରାଶୁଟ ପରୀକ୍ଷଣ ସଫଳ, ସୁରକ୍ଷିତ ପୃଥିବୀକୁ ଫେରିବେ ମହାକାଶଚାରୀ

ନୂଆଦିଲ୍ଲୀ, ୨୦/୨(ନ୍ୟୁ.ଏ): ଭାରତର ପ୍ରଥମ ମାନବ ମହାକାଶ ମିଶନ ଗଗନଯାନ ପାଇଁ ଡ୍ରୋଗ୍ ପାରାଶୁଟ ଯୋଗାଡା ପରୀକ୍ଷଣ ସଫଳତା ପୂର୍ବକ ଶେଷ ହୋଇଛି । ବ୍ଲାଣ୍ଡିଫିଚେସନ୍ ଲେଭଲ୍ ଲୋଡ୍ ଟେଷ୍ଟ ନାମରେ ଏହା ପରିଚିତ । ଏଥିରେ ସର୍ବାଧିକ ଭରାଣ ଭାଉଚ୍ ଅଧିକ ଓଜନ ବଡ଼ ପାରାଶୁଟ କ୍ଷମତା ଓ ସୁରକ୍ଷା ଯାଂଚ କରାଯାଇଛି । ପରୀକ୍ଷଣ ପରେ ସ୍ପଷ୍ଟ ହୋଇଛି ଯେ ଭାରତ ମଜବୁତ ଓ ବଡ଼ କ୍ଷମତା ସମ୍ପନ୍ନ ରିଜନ୍ ପାରାଶୁଟ ଡିଜାଇନ୍ ଓ ନିର୍ମାଣରେ ପୂର୍ଣ୍ଣ ସକ୍ଷମ । ଏହି ପାରାଶୁଟ୍ ବାସ୍ତବ ମିଶନରେ ମଧ୍ୟ ସୁରକ୍ଷିତ ଓ ସଠିକ୍ କାମ କରିବ । ଡିଆରଡିଓ ପକ୍ଷରୁ ଗତ ବୁଧବାର ଚଣ୍ଡୀଗଡ଼ ସ୍ଥିତ ଟର୍ମିନାଲ ବାଲିଷ୍ଟିକ୍ ରିସର୍ଚ୍ଚ ଲାବୋରେଟୋରୀର ରେଳ ଟ୍ରାକ୍ ରକେଟ୍ ସ୍ଲେଡ୍ (ଆରଟିଆରଏସ)ରେ ଏହି ପରୀକ୍ଷଣ ହୋଇଥିଲା । ପରୀକ୍ଷଣରେ ଇସ୍ରୋର ବିକ୍ରମ ସାରାଭାଇ ସ୍ପେସ୍ ସେଂଟର, ଡିଆରଡିଓର ଏରିୟାଲ ଡେଲିଭରୀ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଂଟ ଏଷ୍ଟାବ୍ଲିସ୍‌ମେଂଟ ଓ ଟିବିଆରଏଲ୍‌ର ଟିମ୍ ଭାଗ ନେଇଥିଲେ । ଗଗନଯାନ ମିଶନରେ ମହାକାଶଯାତ୍ରୀଙ୍କୁ ସୁରକ୍ଷିତ ପୃଥିବୀକୁ ଫେରାଇ ଆଣିବା ପାଇଁ ଡ୍ରୋଗ୍ ପାରାଶୁଟ୍ ଅତ୍ୟନ୍ତ ଜରୁରୀ । କ୍ୟାପସୁଲ ଯେତେବେଳେ ପୃଥିବୀ ବାୟୁମଣ୍ଡଳକୁ ଫେରେ, ଏହି ପାରାଶୁଟ୍ ତା'ର ଦ୍ରୁତ ଗତିକୁ ହ୍ରାସ କରିବାରେ ସାହାଯ୍ୟ କରେ । ଇସ୍ରୋର ଗଗନଯାନ ଭାରତର ପ୍ରଥମ ମାନବ ମହାକାଶ ମିଶନ । ଭାରତୀୟ ମହାକାଶଚାରୀଙ୍କୁ ସ୍ୱଦେଶୀ ଟେକ୍ନୋଲୋଜିରେ ମହାକାଶକୁ ପଠାଇ ସୁରକ୍ଷିତ ପୃଥିବୀ ପ୍ରତ୍ୟାବର୍ତ୍ତନ କରାଇବା ଏହାର ଉଦ୍ଦେଶ୍ୟ । ଏଥିରେ ଭାରତରେ ବିକଶିତ ହୁ ମଡ୍ୟୁଲ, ସର୍ଭିସ ମଡ୍ୟୁଲ ଓ ଜୀବନ ରକ୍ଷାକାରୀ ପ୍ରଣାଳୀଗୁଡ଼ିକର ଉପଯୋଗ ହେବ । ମିଶନରେ ମହାକାଶଚାରୀ ପୃଥିବୀର ନିମ୍ନ କକ୍ଷରେ କିଛି ସମୟ ବିତାଇବା ପରେ ସୁରକ୍ଷିତ ଫେରିବେ । ଗଗନଯାନ ସଫଳ ହେବା ପରେ ଭାରତ ମାନବ ମହାକାଶ ଯାତ୍ରା କରିଆରେ କ୍ଷମତାସମ୍ପନ୍ନ ଚାରଜଣଙ୍କ ଦେଶଙ୍କ ମଧ୍ୟରେ ସାମିଲ ହେବ ।

ଭାରତକୁ ମିଳିବ ପ୍ରଥମ ଏୟାର ଟ୍ୟାକ୍ସି, ୮ ମିନିଟ୍‌ରେ ଉଡ଼ିବ ୩୬ କିମି

ନୂଆଦିଲ୍ଲୀ, ୨୦/୨(ନ୍ୟୁ.ଏ): ଟ୍ରାଫିକ୍ ଜାମ୍‌ରେ ଫସି ରହୁଥିବା ଯାତ୍ରୀଙ୍କ ପାଇଁ ଖୁସି ଖବର । ଲଢ଼ି ଲଢ଼ି ମିନିଟ୍‌କରେ ଲକ୍ଷ୍ୟସ୍ଥଳରେ ପହଂଚିବେ ଯାତ୍ରୀ । ବିଦେଶରେ ନୁହେଁ, ଭାରତରେ ମିଳିବ ଏହି ସୁବିଧା । ଏଣିକି ରିକ୍ସା-ଅଟୋ ବଦଳରେ ଏୟାର ଟ୍ୟାକ୍ସି ବ୍ୟବହାର କରିବେ ଯାତ୍ରୀ । ୮ ମିନିଟ୍‌ରେ ଅତିକ୍ରମ କରିବ ୩୬ କିମି । ଅର୍ଥାତ୍ ଆଖି ବନ୍ଦ କରି ଖୋଲୁ ଖୋଲୁ ପହଂଚିଯିବେ । ଏବେ ଭାରତରେ ବାସ୍ତବତାର ରୂପ ନେବାକୁ ଯାଉଛି 'ଉଡ଼ନ୍ତା ଟ୍ୟାକ୍ସି' । ଭାରତ ମିଳିବ ତା'ର ପ୍ରଥମ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏୟାର୍ ଟ୍ୟାକ୍ସି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହାର ସମସ୍ତ ଗୁରୁତ୍ୱପୂର୍ଣ୍ଣ ପାର୍ଟ୍ସ ଯେପରିକି ଏୟାରଫ୍ରେମ୍ ଏବଂ ପ୍ରୋପେଲର ସମ୍ପୂର୍ଣ୍ଣ ଭାବେ ଭାରତରେ ପ୍ରସ୍ତୁତ କରାଯାଇଛି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ 'ଇଣ୍ଡିଆ ଇଣ୍ଟ ଇମ୍ପାକ୍ଟ ସମିଟ୍ ୨୦୨୬'ରେ ଏହି ଅତ୍ୟାଧୁନିକ e-VTOL

(ଇଲେକ୍ଟ୍ରିକ୍ ଭର୍ଟିକାଲ୍ ଟେକ୍-ଅଫ୍ ଆଣ୍ଡ ଲ୍ୟାଣ୍ଡିଂ) ବିମାନକୁ ପ୍ରଦର୍ଶନ କରାଯାଇଛି । ବେଙ୍ଗାଲର ଷ୍ଟାର୍ଟଅପ୍ କମ୍ପାନୀ 'ଦି ଇ-ପ୍ଲେନ୍ କମ୍ପାନୀ' (The E Plane Company) ଏବଂ IIT ମାଡ୍ରାସର୍‌ମିଳିତ ଉଦ୍ୟମରେ ଏହାକୁ ବିକଶିତ କରାଯାଇଛି । କମ୍ପାନୀର ଦାବି ଅନୁଯାୟୀ, ବେଙ୍ଗାଲୁରୁ, ଭଳି ବ୍ୟସ୍ତବହୁଳ ସହରରେ ଯେଉଁ ୩୬ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ସାଧାରଣତଃ ୨ ଘଣ୍ଟା ସମୟ ଲାଗେ, ଏହି ଏୟାର୍ ଟ୍ୟାକ୍ସି ସେହି ଦୂରତାକୁ ମାତ୍ର ୮ ମିନିଟ୍‌ରେ ଅତିକ୍ରମ କରିପାରିବ । ସଡ଼କ ପଥରେ ଏଥିପାଇଁ ହଜାରେ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏୟାର୍ ଟ୍ୟାକ୍ସିରେ ଏହାର ଭଡ଼ା ପ୍ରାୟ ୧,୭୦୦ ଟଙ୍କା ରହିବ । କମ୍ପାନୀ ପ୍ରଥମେ ୨୦୨୭ ସେପ୍ଟେମ୍ବର-ଅକ୍ଟୋବର ସୁଦ୍ଧା ଏୟାର୍ ଆମ୍ବୁଲାନ୍ସ ସେବା ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି । ଏଥିପରେ ବ୍ୟବସାୟିକ ଭାବେ ଏୟାର ଟ୍ୟାକ୍ସି ସେବା ଆରମ୍ଭ କରାଯିବ । ପ୍ରଥମ ପର୍ଯ୍ୟାୟରେ ବେଙ୍ଗାଲୁରୁ, ଚେନ୍ନାଇ, ପୁଣେ, ମୁମ୍ବାଇ ଏବଂ ଅଛଙ୍କରାବାଦ ଭଳି ସହରରେ ଏହି ସେବା ଉପଲବ୍ଧ ହେବ । ବର୍ତ୍ତମାନ ଏଥିରେ ପାଇଲଟ୍‌ଙ୍କ ସହ ୩ ଜଣ ବସିବା ପାଇଁ ବ୍ୟବସ୍ଥା ଥିବାବେଳେ ଭବିଷ୍ୟତରେ ଏହାକୁ ୧୯ ସିଟ୍ ପର୍ଯ୍ୟନ୍ତ ବୃଦ୍ଧି କରାଯିବ ।

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା ବୃଦ୍ଧି, ଆମେରିକାର ବିଶାଳ ସାମରିକ ସଜ୍ଜା

ନୂଆଦିଲ୍ଲୀ, ୨୦/୨(ନ୍ୟୁ.ଏ): ମଧ୍ୟପ୍ରାଚ୍ୟରେ ଆଉ ଏକ ଯୁଦ୍ଧ ଆରମ୍ଭର ଆଶଙ୍କା ବଢ଼ିଯାଇଛି । ଇରାନକୁ କଡ଼ା ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଆଣବିକ ବୁଲି ନେଇ ରାଜି ନହେଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଛନ୍ତି ଟ୍ରମ୍ପ । ଇରାନର ପରମାଣୁ ପ୍ରକଳ୍ପକୁ ଘୋର ବିରୋଧ କରୁଛି ଆମେରିକା । ଇରାନର ୟୁରାନିୟମ ପରିଶୁଦ୍ଧୀକରଣ ପ୍ରକ୍ରିୟାକୁ ବିରୋଧ କରି ପୂର୍ବରୁ ଆମେରିକା ଏହା ପରମାଣୁ ଗୁପ୍ତ ସ୍ଥଳ ଭାପରେ ଇରାନ ଆକ୍ରମଣ କରିଥିଲା । ଇରାନ ଆଣବିକ ଅସ୍ତ୍ର ତିଆରି ପାଇଁ ଚେଷ୍ଟା କରୁଥିବା ଆମେରିକା ଓ ଇସ୍ରାଏଲ ଅଭିଯୋଗ କରିଆସୁଛନ୍ତି । ହେଲେ ଏହାକୁ ତେହେରାନ ଖଣ୍ଡନ କରିଆସୁଛି । ମଧ୍ୟପ୍ରାଚ୍ୟରେ ଏବେ ଆମେରିକା ବିରାଟ ସୈନ୍ୟ ସଜ୍ଜା କରିଛି । ୫୦ରୁ ଅଧିକ ଅତ୍ୟାଧୁନିକ ଯୁଦ୍ଧ ବିମାନ, ଏୟାରକ୍ରାଫ୍ଟ କ୍ୟାରିୟର ସହ କ୍ଷେପଣାସ୍ତ୍ର ପ୍ରତିରୋଧୀ ପ୍ରଣାଳୀ ମୁତୟନ କରିଛି । ଏପରି ସ୍ଥିତିରେ ଆମେରିକାର କ'ଣ ଆଲିମୁଖୀ ରହିବ, ତା ଉପରେ ସାରା ବିଶ୍ୱର ନଜର । ଟ୍ରମ୍ପଙ୍କ ଅନୁମତିକୁ ଅପେକ୍ଷା କରିଛି ଆମେରିକୀୟ ସେନା । ଅନ୍ୟପଟେ

ଆମେରିକୀୟ ଅଧିକାରୀ ଓ ଇରାନ ଅଧିକାରୀଙ୍କ ମଧ୍ୟରେ ସୁଇଜରଲ୍ୟାଣ୍ଡରେ କୂଟନୈତିକ ବୈଠକ ଚାଲିଛି । ସେପରେ ପୁଣି ମୂର୍ଦ୍ଦ ଫୁଟାଣି ମାରିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଅପରେସନ ସିନ୍ଦୁର ବେଳେ ଭାରତ-ପାକିସ୍ତାନ ଭିତରେ ଯୁଦ୍ଧ ବନ୍ଦ କରାଇଥିବା ପୁଣି ଜଣେ ଦାବି । 'ବୋର୍ଡ ଅଫ୍ ପିସ୍' କାର୍ଯ୍ୟକ୍ରମରେ ଟ୍ରମ୍ପ ଏହି ଦାବି ଦୋହରାଇଛନ୍ତି । ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ, ସେ ଯୁଦ୍ଧ ବନ୍ଦ କରି ସେ ଅଢ଼େଇ କୋଟି ଲୋକଙ୍କ ଜୀବନ ବଂଚାଇଛନ୍ତି । ଯୁଦ୍ଧ ବନ୍ଦ କଲେ ୨ ଶହ ପ୍ରତିଶତ ଟାରିଫ ଲଗାଇବାକୁ ଭାରତ ଓ ପାକିସ୍ତାନକୁ ସେତେବେଳେ ଧମକ ଦେଇଥିଲେ ବୋଲି ଟ୍ରମ୍ପ କହିଛନ୍ତି । ଟ୍ରମ୍ପଙ୍କ ଦାବିକୁ ଭାରତ ବାରମ୍ବାର ଖଣ୍ଡନ କରିଆସିଛନ୍ତି ।

'ପ୍ରଧାନମନ୍ତ୍ରୀ ରାହତ ଯୋଜନା'ରେ ମିଳିବ ସେବା, ଚିକିତ୍ସା ପାଇଁ ଦେଢ଼ ଲକ୍ଷ ଟଙ୍କା ଦେବେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୨୦/୨(ନ୍ୟୁ.ଏ): ଦୁର୍ଘଟଣାରେ ଆହତଙ୍କୁ ୪୮ ଘଣ୍ଟା ଲୁଚେଁ ୭ ଦିନ ପାଇଁ ମାଗଣା ଚିକିତ୍ସା ମିଳିବ । 'ପ୍ରଧାନମନ୍ତ୍ରୀ ରାହତ ଯୋଜନା'ରେ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସେବା ମଳିବ । ସରକାରୀ ହସ୍ପିଟାଲ ବ୍ୟତୀତ ଆୟୁଷ୍ମାନ ଭାରତ ଯୋଜନାରେ ସ୍ୱୀକୃତିପ୍ରାପ୍ତ ଘରୋଇ ହସ୍ପିଟାଲରେ ଆହତଙ୍କୁ ଚିକିତ୍ସା ମିଳିପାରିବ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏଭଳି ନିଷ୍ପତ୍ତି ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ, ବର୍ତ୍ତମାନ ରାଜ୍ୟ ସରକାର ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ଘରୋଇ ହସ୍ପିଟାଲ୍‌ରେ ୪୮ ଘଣ୍ଟା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ଯୋଗାଇ ଦେଉଛନ୍ତି । ୪୮ ଘଣ୍ଟା ଭିତରେ ଆହତଙ୍କ ଚିକିତ୍ସା ପାଇଁ ଯେତେ ଟଙ୍କା ଖର୍ଚ୍ଚ ହେଉଥିଲା ରାଜ୍ୟ ସରକାର ନିଜସ୍ୱ ଫ୍ରି ଟ୍ରିଟମେଂଟ ଅଫ୍ ଟ୍ରମା ଫଣ୍ଡରୁ ବହନ କରୁଛନ୍ତି । କେନ୍ଦ୍ର ସରକାର ନୂତନ ଭାବେ ଆହତଙ୍କୁ ୭ ଦିନ ପାଇଁ ଦେଢ଼ ଲକ୍ଷ ଟଙ୍କା ଚିକିତ୍ସା ଖର୍ଚ୍ଚ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି । ଦେଢ଼ ଲକ୍ଷ ପରେ ଯଦି ଆଉ କିଛି ଚିକିତ୍ସା ପାଇଁ ଅର୍ଥ ଲାଗିବ, ବଳକା ଅର୍ଥକୁ ରୋଗୀଙ୍କୁ ଦେବାକୁ ପଡ଼ିବ । ହେଲେ ମିଳିଥିବା ସୂଚନା ଅନୁଯାୟୀ ଦେଢ଼ ଲକ୍ଷ ଟଙ୍କା ପରେ ଯେଉଁ ବଳକା ଅର୍ଥ ଲାଗିବ, ତାହାକୁ ରାଜ୍ୟ ସରକାର ବହନ କରିବା ପାଇଁ ଚିନ୍ତା କରୁଛନ୍ତି । ଦୁର୍ଘଟଣାର ଆହତଙ୍କୁ ଗୋଲ୍ଡନ୍ ଆୱାର ଭିତରେ ଚିକିତ୍ସା କରିବା ଆବଶ୍ୟକ । ସେଥିପାଇଁ ସରକାରୀ ହେଉ ବା ଘରୋଇ ହସ୍ପିଟାଲ୍ ଆହତଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଦିଆଯିବ । ରାଜ୍ୟ ସରକାର ମଧ୍ୟ ସରକାରୀ ଆମ୍ବୁଲାନ୍ସ ବ୍ୟତୀତ ଘରୋଇ ଆମ୍ବୁଲାନ୍ସରେ ଆହତଙ୍କୁ ମାଗଣା ହସ୍ପିଟାଲ ଆଣିବା ବ୍ୟବସ୍ଥା ହୋଇଛି । ଏନେଇ ରାଜ୍ୟ ସରକାର ୬୧୫ ଘରୋଇ ଆମ୍ବୁଲାନ୍ସ ସହିତ ଚୁକ୍ତି କରିଛନ୍ତି । ସେମାନଙ୍କୁ କଣ୍ଟ୍ରୋଲ ରୁମ୍ ସହିତ ଯୋଗାଯୋଗ ପାଇଁ ବ୍ୟବସ୍ଥା କରାଯାଇଛି । ଦୁର୍ଘଟଣାସ୍ଥଳରେ ଯଦି ୧୦୮ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେଉଛି, ତାହେଲେ ନିକଟସ୍ଥ ଥିବା ଘରୋଇ ଆମ୍ବୁଲାନ୍ସ ଆହତଙ୍କୁ ନେଇ ଘରୋଇ ହସ୍ପିଟାଲ ଯିବ । ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶାରେ ଆହତଙ୍କୁ ତୁରନ୍ତ ଚିକିତ୍ସା ପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଛି । ପଶ୍ଚିମ ଓଡ଼ିଶାର ୭ ଜିଲ୍ଲାରୁ ଆହତ ଅନ୍ୟ ଆଡ଼କୁ ଚିକିତ୍ସା ପାଇଁ ନୟାଗଡ଼ ଜିଲ୍ଲାରେ ହିଁ ଚିକିତ୍ସା ପାଇବେ । 'ଏମର୍ଜେନ୍ସି ଆଣ୍ଡ ଟ୍ରମା କେୟାର' ନାମରେ ଏକ ସ୍ୱତନ୍ତ୍ର ଯୋଜନା ଆରମ୍ଭ କରାଯାଇଛି । ରାଜ୍ୟରେ ବର୍ତ୍ତମାନ ଦୁର୍ଘଟଣା ଜନିତ ମୃତ୍ୟୁହାର ୫୦% ରହିଛି । ରାଜ୍ୟରେ ବର୍ଷକୁ ପ୍ରାୟ ୧୨ ହଜାର ଲୋକ ପ୍ରାଣ ହରାଉଛନ୍ତି । ଏହାକୁ ହ୍ରାସ କରିବା ଲାଗି ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହୋଇଛି ।

ଖୁବ୍ ଶୀଘ୍ର ବାଂଲାଦେଶରେ ଭିସା ସେବା ପୁନଃସ୍ଥାପିତ କରିବ ଭାରତ !

ନୂଆଦିଲ୍ଲୀ, ୨୦/୨(ନ୍ୟୁ.ଏ): ତାରିକ ରହମାନ ବାଂଲାଦେଶର ପ୍ରଧାନମନ୍ତ୍ରୀ ହୋଇଛନ୍ତି । ତାରିକ ରହମାନଙ୍କ ନେତୃତ୍ୱାଧୀନ ସରକାର କ୍ଷମତା ପାଇବା ପରେ ଭାରତ ଏହାର ପଡୋଶୀ ଦେଶ ବାଂଲାଦେଶକୁ ସମସ୍ତ ଭିସା ସେବା ଆରମ୍ଭ କରିଛି । ଏହାରି ମଧ୍ୟରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଥିବା ସମ୍ପର୍କରେ ଉନ୍ନତିର ସଙ୍କେତ ମିଳୁଛି । ସିଲେଟରେ ଭାରତର ବରିଷ୍ଠ କନସୁଲାର ଅଧିକାରୀ ଅନିନ୍ଦ୍ୟ ଦାସ କହିଛନ୍ତି ଯେ, ସମସ୍ତ ଭିସା ସେବାକୁ ସମ୍ପୂର୍